

୫/୨/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୨୧,୦୫୭/- ସୁନା: ୦୦.୮୦୦ ଗ୍ରାମ୍ ରୁପା: ୦୩.୩୦୦ ଗ୍ରାମ୍



# ବିବାଦରୁ ବିଳମ୍ବ, ହେଲାନି ରାତ୍ର ପହୁଡ଼



## ବିକ୍ରି ହୋଇପାରିଲାନି ମହାପ୍ରସାଦ
## କ୍ଷତିପୂରଣ ଦାବି କଲେ ସୁଆର ସେବକ

ପୁରୀ, ୫।୨(ସମିସ)

ଶ୍ରୀମନ୍ଦିରରେ ରବିବାର ରାତି ପହୁଡ଼ ହୋଇପାରି ନାହିଁ। ଦୁଇ ସେବାୟତ ନିଯୋଗ ମଧ୍ୟରେ ବିବାଦ ଯୋଗୁ ନୀତିକାନ୍ତି ବିଳମ୍ବ ହେଲା। ଫଳରେ ପହୁଡ଼ ହୋଇପାରି ନ ଥିଲା କି ଠାକୁର ଶୋଇପାରି ନ ଥିଲେ। ଏହାକୁ ନେଇ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କର ପ୍ରବଳ ଭିଡ଼ ଥିଲା। ଦ୍ୱିତୀୟ ଭୋଗମଣ୍ଡପ ପ୍ରସ୍ତୁତି ସମୟରେ ଭିତରକାଠରେ ରକ୍ତଛିଟା ପଡ଼ିଥିବା ଦେଖିବାକୁ ମିଳିଥିଲା। ତେଣୁ ଠାକୁରଙ୍କର ହୋଇଥିଲା ବଡ଼ ମହାସ୍ନାନ। ରାତି ୮ଟା ୧୦ରେ ବଡ଼ ମହାସ୍ନାନ ପୂଜା ସରିଥିଲା। ତେବେ ପରବର୍ତ୍ତୀ ନୀତିକୁ ନେଇ ସୁଆର ମହାସୁଆର ଏବଂ ସିଂହାରୀ ସେବାୟତଙ୍କ ମଧ୍ୟରେ ଉପୁଜିଥିଲା ବିବାଦ। ଭୋଗମଣ୍ଡପକୁ ଅବଢ଼ା ଆଣିବାରେ ବିଳମ୍ବ ହୋଇଥିବା ଅଭିଯୋଗ କରି ସିଂହାରୀ ସେବକ ପୂଜା କରିବାକୁ ରାତି ହୋଇ ନ ଥିଲେ। ବଡ଼ ମହାସ୍ନାନ ପୂଜା ସରିବା ପରେ ଗଭାଲାଗି ନୀତି କରିବା ପାଇଁ ଅଡି ବସିଥିଲେ ସୁଆର ସେବକ। ଉଭୟ ନିଜ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପ ପରେ ବିବାଦର ସମାଧାନ ହୋଇଥିଲା। ହେଲେ ସେତେବେଳକୁ ରାତି ୧୧ଟା ବାଜି ସାରିଥିବାରୁ କେହି ଆଉ ବରାଦି ଅବଢ଼ା ନେଇ ନ ଥିଲେ। ବିବାହ, ବ୍ରତଘର ଆଦି ପାଇଁ ବରାଦି ଦିଆଯାଇଥିବା ଅବଢ଼ା ବାହାରିବାର ସମୟ ଗଡ଼ି ଯାଇଥିବାରୁ ସେମାନେ ନେଇ ନ ଥିଲେ କି ଭକ୍ତଙ୍କୁ ବି ବିକ୍ରି ହୋଇପାରି ନ ଥିଲା। ଅନେକ ଶ୍ରଦ୍ଧାଳୁ ବି ମହାପ୍ରସାଦ ପାଇବାରୁ ବଞ୍ଚିତ ହେଲେ। ନୀତି ବିଳମ୍ବ ଯୋଗୁ ମହାପ୍ରଭୁଙ୍କର ରାତ୍ର ପହୁଡ଼ ବି ହୋଇପାରି ନ ଥିଲା। ଅର୍ଥାତ ରାତି ୧୧ଟା ୨୫ରେ ଦ୍ୱିତୀୟ ଭୋଗମଣ୍ଡପ ପୂଜା ବସି ୧୧ଟା ୩୦ରେ ପୂଜା ସରିଥିଲା। ଅର୍ଥାତ ରାତି ୧୧ଟା ୩୦ରେ ମହାପ୍ରସାଦ ବାହାରିଥିଲା। ସେହିପରି ରାତି ୧୨ଟା ୩୫ରେ ସନ୍ଧ୍ୟା ଆଳତି, ରାତି ୨ଟା ୧୦ରେ ଧୂପ ଶେଷ ହୋଇ ରାତି ୩ଟାରେ ଚନ୍ଦନଲାଗି ବେଶ ପରେ ଭୋର ୪ଟା ୧୦ରେ ବଡସିଂହାର ବେଶ ସମ୍ପନ୍ନ ହୋଇଥିଲା।

ରବିବାରର ପ୍ରଭାବ ସୋମବାର ବି ପ୍ରତିଫଳିତ ହୋଇଥିଲା। ସକାଳ ୭ଟା ୨୦ରେ ମଙ୍ଗଳ ଆଳତି ହୋଇ ନୀତିକାନ୍ତି ଚାଲିଥିଲା। ତେବେ ନୀତି ବିଳମ୍ବ ପାଇଁ ସୁପକାର ସେବାୟତଙ୍କର ପ୍ରାୟ ୧୨ ଲକ୍ଷ ଟଙ୍କାର କ୍ଷତି ହୋଇଛି। ଆଗକୁ କିଭଳି ସେବାୟତଙ୍କ ମଧ୍ୟରେ ବିବାଦ ନ ହେବ ସେ ନେଇ ମନ୍ଦିର ପ୍ରଶାସନ ପଦକ୍ଷେପ ନେବ ବୋଲି ଗଣମାଧ୍ୟମ ସମ୍ମୁଖରେ ସୂଚନା ଦେଇଛନ୍ତି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି।

ଅପରପକ୍ଷେ ସୁଆର ସେବକମାନେ ମହାପ୍ରସାଦ ବାବଦ କ୍ଷତିପୂରଣ ଦାବି କରିଥିଲେ। କାହାର କେତେ ହାଣ୍ଡି ଅବଢ଼ା ସେ ନେଇ ଏକ ତାଲିକା ପ୍ରସ୍ତୁତ କରାଯାଇଛି। ଏ ଦିଗରେ ପଦକ୍ଷେପ ନିଆଯିବ ବୋଲି ଶ୍ରୀମନ୍ଦିର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମା କହିବା ପରେ ସୁଆର ସେବକମାନେ ରବିବାରଠାରୁ ଥିବା ଅବଢ଼ା ବାହାର କରିଥିଲେ। ଏହି ଅବଢ଼ାକୁ ଭକ୍ତଙ୍କୁ ବଣ୍ଟାଯାଇଥିବା ଜଣାପଡ଼ିଛି।

## ଉତ୍ତର ଦ୍ୱାର ଗୁମୁଟ ମରାମତି ପାଇଁ ଏଏସ୍‌ଆଇକୁ ଚିଠି

ପୁରୀ, ୫।୨(ସମିସ)

ଶ୍ରୀମନ୍ଦିର ଉତ୍ତର ଦ୍ୱାର ଗୁମୁଟ ବାହାରପାର୍ଶ୍ୱ ତଳ ଭାଗରେ ଫାଟ ସୃଷ୍ଟି ହୋଇଛି। ଭୂମି ପତ୍ତନଠାରୁ ପ୍ରାୟ ୨ ଫୁଟ୍ ଉଚ୍ଚରେ ପଦ୍ମପାଖୁଡ଼ା ଡିଜାଇନଯୁକ୍ତ ପଥରରେ ହୋଇଥିବା ଏହି ଫାଟର ମରାମତି ପାଇଁ ଏଏସ୍‌ଆଇକୁ ଚିଠି ଲେଖିଛି ଶ୍ରୀମନ୍ଦିର ପ୍ରଶାସନ। ସୋମବାର ଅତିରିକ୍ତ ମୁଖ୍ୟ ପ୍ରଶାସକ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶକ୍ରମେ ଏହି ଚିଠି କରାଯାଇଛି। ତୁରନ୍ତ ଏହାକୁ ମରାମତି କରିବା ଲାଗି ଚିଠିରେ ଉଲ୍ଲେଖ ରହିଛି।

ସୂଚନାଥାଉ କି, ଉତ୍ତର ଦ୍ୱାର ପ୍ରବେଶ ବେଳେ ବାମପାର୍ଶ୍ୱରେ ପଦ୍ମପାଖୁଡ଼ା ଆକୃତି ପଥରରେ ଏହି ଫାଟ ହୋଇଛି। ଭୂମି ପତ୍ତନଠାରୁ ପ୍ରାୟ ୨ ଫୁଟ୍ ଉଚ୍ଚରେ ଏହି ଫାଟ ଦେଖାଯାଉଛି। ତେଣୁ ଏହାକୁ ତୁରନ୍ତ ମରାମତି ପାଇଁ ଭକ୍ତମାନେ ଦାବି କରିଥିବା ବେଳେ ଶ୍ରୀମନ୍ଦିର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ଏଏସ୍‌ଆଇକୁ ଏଥିଲାଗି ଦାୟୀ କରିଥିଲେ। ଏହାର ମରାମତି ଲାଗି ମନ୍ଦିର ପ୍ରଶାସନ ଏଏସ୍‌ଆଇକୁ ଚିଠି କରିଛି। ଏ ସମ୍ପର୍କରେ ଏଏସ୍‌ଆଇର ସଂରକ୍ଷଣ ସହାୟକ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, ଉତ୍ତର ଦ୍ୱାର ଗୁମୁଟ ବାହାର ପାର୍ଶ୍ୱ ଗୋଟିଏ ପଥରରେ ଫାଟ ହୋଇଛି। ଯଏବେ ଉତ୍ତର ଦ୍ୱାର ଗୁମୁଟ କାମ କରାଯାଉଛି। ତେଣୁ ଏହି ଫାଟକୁ ମରାମତି ସହ ଆବଶ୍ୟକ ପଡ଼ିଲେ ପଥରକୁ ବଦଳାଯିବ ବୋଲି କହିଛନ୍ତି।

## ପରିକ୍ରମା ପ୍ରକଳ୍ପ ବୁଲିଲେ ୫ ଜିଲ୍ଲାର ଭକ୍ତ



ପୁରୀ, ୫।୨(ସମିସ): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବୁଲି ଦେଖିବା ଲାଗି ରାଜ୍ୟ ସରକାର ବ୍ୟବସ୍ଥା କରିଛନ୍ତି। ବିଭିନ୍ନ ଜିଲ୍ଲାରୁ ଶ୍ରଦ୍ଧାଳୁ ପୁରୀ ଆସି ମହାପ୍ରଭୁଙ୍କ ଦର୍ଶନ କରିବା ସହ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରୁଛନ୍ତି। ଗତମାସ ୨୯ ତାରିଖଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ସୋମବାର ବାଲେଶ୍ୱର, ବଲାଙ୍ଗୀର, ପୁରୀ, ଅନୁଗୁଳ ଓ ସମ୍ବଲପୁରରୁ ୯, ୩୦୦ ଭକ୍ତ ପରିକ୍ରମା ପ୍ରକଳ୍ପ ବୁଲି ଦେଖିଛନ୍ତି। ମହାପ୍ରଭୁଙ୍କୁ ଦର୍ଶନ କରି ଦିବ୍ୟ ଅନୁଭୂତି ସାଉଣ୍ଟିଛନ୍ତି।

ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଉପରୋକ୍ତ ୫ଟି ଜିଲ୍ଲାରୁ ଭକ୍ତଙ୍କୁ ଧରି ସୋମବାର ବିଭିନ୍ନ ସମୟରେ ସମଙ୍ଗ ପାର୍କିରେ ପହଞ୍ଚିଥିଲା ବସ୍। ବାଲେଶ୍ୱର ଜିଲ୍ଲାର ୧୦୪ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୬ଟି ବସ୍‌ରେ ୧, ୫୬୦ ଜଣ, ବଲାଙ୍ଗୀର ଜିଲ୍ଲାର ୯୦ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୦ ବସ୍‌ରେ ୧, ୮୦୦ ଜଣ, ପୁରୀ ଜିଲ୍ଲାର ୧୧୯ଟି ପଞ୍ଚାୟତ ଏବଂ ୱାର୍ଡରୁ ୫୩ଟି ବସ୍‌ରେ ୨, ୩୮୦ ଜଣ, ଅନୁଗୁଳ ଜିଲ୍ଲାର ୪୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୨୦ଟି ବସ୍‌ରେ ୯୨୦ ଜଣ ଏବଂ ସମ୍ବଲପୁର ଜିଲ୍ଲାର ୧୦୬ଟି ପଞ୍ଚାୟତ ଏବଂ ୱାର୍ଡରୁ ୪୭ଟି ବସ୍‌ରେ ୨, ୧୨୦ ଜଣ ଶ୍ରଦ୍ଧାଳୁ ଆଣି ପୁରୀରେ ପହଞ୍ଚିଥିଲେ। ସେଠାରୁ ଫିଡ୍‌ର ବସ୍‌ରେ ଭକ୍ତମାନେ ଜଗନ୍ନାଥ ବଲ୍ଲଭ ପିଲିଗ୍ରିମ ସେଣ୍ଟର (ଜେବିପିସି)ରେ ପହଞ୍ଚିଥିଲେ। ପରେ ଶ୍ରୀଦାଣ୍ଡ ଦେଇ ଶ୍ରୀମନ୍ଦିର ନିକଟରେ ପହଞ୍ଚି ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏଠାରେ ପରିକ୍ରମା ମାର୍ଗ ପ୍ରଦକ୍ଷିଣ କରି ଦିବ୍ୟ ଅନୁଭୂତି ସାଉଣ୍ଟିଥିଲେ। ଏହାପରେ ଶ୍ରଦ୍ଧାଳୁ ସମଙ୍ଗ ପାର୍କିରେ ପହଞ୍ଚି ସେଠାରେ ଭୋଜନ କରିଥିଲେ। ପରେ ଯେଉଁ ବସ୍‌ରେ ଆସିଥିଲେ ସେଥିରେ ଫେରିଥିଲେ।

## ଜଗନ୍ନାଥ ବଲ୍ଲଭ ପାର୍କିଂରେ ଭକ୍ତଙ୍କୁ ଦୁର୍ବ୍ୟବହାର

ପୁରୀ, ୫।୨(ସମିସ)

ଜଗନ୍ନାଥ ବଲ୍ଲଭ ପରିସରରେ ଭକ୍ତଙ୍କୁ ଦୁର୍ବ୍ୟବହାର କରାଯାଉଛି। ମନଇଚ୍ଛା ପାର୍କିଂ ଫି’ ଆଦାୟ ହେଉଛି। ଯଦି କେହି ପ୍ରତିବାଦ କରୁଛନ୍ତି ତେବେ ତାଙ୍କୁ ଆକ୍ରୋଶର ଶିକାର ହେବାକୁ ପଡୁଛି। ପୂର୍ବରୁ ଏହି ଅଭିଯୋଗର ତାଲିକା ବେଶ୍ ଲମ୍ବା ଥିବାବେଳେ ଏବେ ପୁଣି ସମାନ ଅଭିଯୋଗ ଉଠିଛି। ଫଳରେ ତିକ୍ତ ଅନୁଭୂତି ସାଉଣ୍ଟୁଛନ୍ତି ଭକ୍ତ। ଖୋର୍ଦ୍ଧାର ସୁଶାନ୍ତ ପଟ୍ଟନାୟକ ଗତ ଶନିବାର ମହାପ୍ରଭୁଙ୍କ ଦର୍ଶନ ପାଇଁ ସପରିବାର ପୁରୀ ଆସିଥିଲେ। ରାତି ପ୍ରାୟ ୯ଟା ହେବ ସେମାନେ ଜଗନ୍ନାଥବଲ୍ଲଭ ପରିସରରେ ଗାଡ଼ି ପାର୍କିଂ କରିଥିଲେ। ପାର୍କିଂ ଫି ନେଇ ରସିଦ୍ ଦେବାକୁ କହିଥିଲେ। ହେଲେ ଦାୟିତ୍ୱରେ ଥିବା କର୍ମଚାରୀ ତାଙ୍କୁ ଫେରିଲେ ଦେବ ବୋଲି କହିଥିଲେ। ଫଳରେ ସେମାନେ ଗାଡ଼ି ପାର୍କିଂ କରି ଶ୍ରୀମନ୍ଦିରକୁ ଆସିଥିଲେ। ମହାପ୍ରଭୁଙ୍କୁ ଦର୍ଶନ କରି ରାତି ପ୍ରାୟ ସାଢ଼େ ୧୦ଟାରେ ପାର୍କିଂରେ ପହଞ୍ଚିଥିଲେ। ପ୍ରସ୍ଥାନ ପଥରେ ପୂର୍ବରୁ ପାର୍କିଂ ଭଡ଼ାକୁ ନେଇ କର୍ମଚାରୀମାନେ ଅନ୍ୟ ଗାଡ଼ିବାଲାଙ୍କ ସହ ଯୁକ୍ତିତର୍କ କରୁଥିଲେ। ତେଣୁ କର୍ମଚାରୀମାନେ ଉତ୍କ୍ଷିପ୍ତ ଥିଲେ। ସୁଶାନ୍ତ ସେମାନଙ୍କୁ କେତେ ପାର୍କିଂ ଫି’ ବୋଲି ପଚାରିବାରୁ ୮୦ ଟଙ୍କା କହିଥିଲେ। ହେଲେ ଡବଲ କାହିଁକି ବୋଲି ପଚାରିବାରୁ କର୍ମଚାରୀମାନେ ତାଙ୍କୁ ଖରାପ ଭାଷାରେ ଗାଳିମନ୍ଦ କରିଥିଲେ। ଯେ ହେତୁ ପରିବାର ସାଥୀରେ ଥିଲେ ତେଣୁ ସେ କିଛି ନ କହି ୮୦ ଟଙ୍କା ଦେଇଥିଲେ ବୋଲି ସାମାଜିକ ଗଣମାଧ୍ୟମରେ ଭିଡ଼ିଓ ମାଧ୍ୟମରେ ଅଭିଯୋଗ କରିଛନ୍ତି ସୁଶାନ୍ତ। କେବଳ ସୁଶାନ୍ତ ନୁହଁନ୍ତି, ଜଗନ୍ନାଥବଲ୍ଲଭ ପାର୍କିଂରେ ପ୍ରତିଦିନ ଭକ୍ତଙ୍କୁ ଏହିଭଳି ସ୍ଥିତିର ସାମ୍ନା କରିବାକୁ ପଡୁଛି। ଯେ ହେତୁ ସେମାନେ ଦୂରଦୂରାନ୍ତରୁ ଆସୁଛନ୍ତି ତେଣୁ କେହି ପାଟି ଖୋଲୁନାହାନ୍ତି।

## ପୁରୀ ଜିଲ୍ଲା ସ୍କୁଲକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ପୁରୀ, ୫।୨(ସମିସ): ପୁରୀ ଜିଲ୍ଲା ସ୍କୁଲକୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର। ନିକଟରେ କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରର ଶ୍ରେଷ୍ଠ ବିଦ୍ୟାଳୟ ବର୍ଗରେ ପୁରୀ ଜିଲ୍ଲା ସ୍କୁଲ ସାମିଲ ହୋଇପାରିଛି। ୨୦୧୮ ରୁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ର ଭଲ ପ୍ରଦର୍ଶନ କରୁଛନ୍ତି। ୧୮ ଟି ସ୍ମାର୍ଟ କ୍ଲାସରେ ଶିକ୍ଷାଦାନ ଦିଆଯାଉଛି। ଦଶମ ଶ୍ରେଣୀରେ ଭଲ ଫଳ କରିବାକୁ ପ୍ରାୟ ୪୦ ଜଣ ଛାତ୍ରଛାତ୍ରୀଙ୍କୁ ଚିହ୍ନଟ କରି ସେମାନଙ୍କୁ ସ୍ୱତନ୍ତ୍ର ଧରଣର ପ୍ରଶିକ୍ଷଣ ଦିଆଯାଉଛି। ୨୦୨୪ ଶିକ୍ଷାବର୍ଷରେ ଅଧିକ ଏ-୧ ଗ୍ରେଡ୍ ଫଳାଫଳ ପାଇଁ ଏବେଠାରୁ ଉଦ୍ୟମ ଜାରି ରହିଛି। ବିଗତ କିଛିବର୍ଷ ଧରି ବିଦ୍ୟାଳୟରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳ ଶତପ୍ରତିଶତ ରହି ଆସୁଥିବାରୁ ଏହା ସେମାନଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ନିମନ୍ତେ ତଅଧିକ ଯୋଗ୍ୟ ବିବେଚିତ କରିଥିଲା। ବିଦ୍ୟାଳୟରେ ଥିବା ଇ-ଲାଇବ୍ରେରୀ ସେମାନଙ୍କୁ ପଢ଼ା କ୍ଷେତ୍ରରେ ବେଶ୍ ମନଯୋଗୀ କରାଇ ପାରିଛି। ପାଠଛଡ଼ା କ୍ରୀଡ଼ା କ୍ଷେତ୍ରରେ ମଧ୍ୟ ବେଶ୍ ସୁନମ ଅର୍ଜନ କରିଛି। ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପରେ ସ୍ଥାନୀୟ ଜନସାଧାରଣ, ଅଭିଭାବକ ଓ ପୁରାତନ ଛାତ୍ର କମିଟି ମହଲରେ ଖୁସିର ଲହରି ଖେଳିଯାଇଛି।

## ୧୦ରେ ଓଡ଼ିଶା-ଜାପାନ ପର୍ବ

ପୁରୀ, ୫।୨(ସମିସ): ଆସନ୍ତା ୧୦ ତାରିଖ ସନ୍ଧ୍ୟା ୬ଟାରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡସିପ ସେଣ୍ଟର ପକ୍ଷରୁ ତାଳବଣିଆଠାରେ ଓଡ଼ିଶା-ଜାପାନ ପର୍ବ ପାଳନ ହେବ। ଏ ନେଇ ଫ୍ରେଣ୍ଡଶିପ ସେଣ୍ଟର ସଭାପତି ଶ୍ରୀମନ୍ତ କୁମାର ଦାଶ ପ୍ରେସ୍ ଇସ୍ତାହାର ଜରିଆରେ ସୂଚନା ଦେଇଛନ୍ତି। ଏହି ପର୍ବରେ ଜାପାନ କଳାକାରମାନେ ସେମାନଙ୍କ ଦେଶର କଳା ସଂସ୍କୃତି ପ୍ରଦର୍ଶନ କରିବେ। ଠିକ୍ ସେହିପରି ଓଡ଼ିଶାର କଳାକାରମାନେ ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତିର ଝଲକ ମଞ୍ଚରେ ଦେଖାଇବେ। ଫଳରେ ଦୁଇ ଦେଶର କଳା ସଂସ୍କୃତିର ଭାବ ବିନିମୟ ହୋଇପାରିବ। ଏଥିସହ ସଂସ୍କୃତିର ମଧ୍ୟ ପ୍ରଚାର ପ୍ରସାର ହେବ। ଏହାଦ୍ୱାରା ପୁରୀ ସମେତ ଓଡ଼ିଶାରେ ପର୍ଯ୍ୟଟକଙ୍କ ସଂଖ୍ୟା ଆଗାମୀ ଦିନରେ ବୃଦ୍ଧିପାଇବ ବୋଲି ସେ ଆଶା ପ୍ରକଟ କରିଛନ୍ତି। ଏଥିରେ ସାମିଲ ହୋଇ ଦୁଇ ଦେଶର କଳାକାରଙ୍କ ନିଖୁଣ କଳା ଦେଖିବାକୁ ଶ୍ରୀ ଦାଶ ଅନୁରୋଧ କରିଛନ୍ତି।

## ଟିପିସିଓଡିଏଲ୍ ଓ ଆଇଟିଆଇ ମଧ୍ୟରେ ଏମ୍‌ଓୟୁ

ପୁରୀ, ୫।୨(ସମିସ): ପୁରୀ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ (ଆଇଟିଆଇ) ଏବଂ ଟିପି ସେଣ୍ଟ୍ରାଲ୍ ଓଡ଼ିଶା ବିତରଣ ଲିମିଟେଡ୍ ମଧ୍ୟରେ ସୋମବାର ଏମଓୟୁ ସ୍ୱାକ୍ଷର ହୋଇଛି। ଟିପିସିଓଡିଏଲ୍ ଅପରେସନ୍ ସର୍ଭିସେସ୍ ମୁଖ୍ୟ ରାଜକୁମାର ରାସ୍ତୋଗୀ, ଓଡ଼ିଶା, ଡିସ୍‌କମ ଏଲ୍ ଆଣ୍ଡ ଡି ମୁଖ୍ୟ ବୁଧିଶ ବେହେରା, ଟିପିସିଓଡିଏଲ୍ ଏଚ୍‌ଆର ମିର୍ଜା ସରଫରାଜ ବାଗଙ୍କ ଉପସ୍ଥିତିରେ ସରକାରୀ ଆଇଟିଆଇ ପୁରୀର ଅଧକ୍ଷ ଇଂ ଅରୋବିନ୍ଦ ଘୋଷ ଏହି ଏମଓୟୁ ସ୍ୱାକ୍ଷର କରିଛନ୍ତି। ଏହାଦ୍ୱାରା ଏହି ଦୁଇ ସଙ୍ଗଠନ ପୁରୀ ଜିଲ୍ଲାରେ ଦକ୍ଷତା ବିକାଶ ଦିଗରେ ବେଶ୍ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛନ୍ତି। ଦକ୍ଷତା ବିକାଶ ପାଇଁ ଏକ



ସମନ୍ୱିତ ପରିବେଶ ସୃଷ୍ଟି କରିବା କ୍ଷେତ୍ରରେ ଉଭୟ ସଂସ୍ଥାର ପାରଦର୍ଶୀତା ଏବଂ ଉତ୍ସଗୁଡିକ ବ୍ୟବହାର କରାଯିବ। ଏହି ଏମ୍‌ଓୟୁ ଅଧୀନରେ ପୁରୀ ଆଇଟିଆଇ ଏବଂ ଟିପି କେନ୍ଦ୍ରୀୟ ଓଡ଼ିଶା ବିତରଣ ଲିମିଟେଡ୍ ଶକ୍ତି କ୍ଷେତ୍ରର ବିକାଶଶୀଳ ଦକ୍ଷତା ଆବଶ୍ୟକତାକୁ ପୂରଣ କରିବେ।

## ଶ୍ରୀଲୋକନାଥ ପୀଠ
# ପଙ୍କୋଦ୍ଧାର ଓ ମହାଶିବରାତ୍ରି ପାଇଁ ନୀତି ନିର୍ଘଣ୍ଟ

ପୁରୀ, ୫।୨(ସମିସ)



ଆସନ୍ତା ମାର୍ଚ୍ଚ ମାସ ୮ ତାରିଖରେ ମହାଶିବରାତ୍ରି। ଲୋକନାଥ ପୀଠରେ ପ୍ରଭୁ ଲୋକନାଥ ଦେବଙ୍କ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ସୋମବାର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଉପଜିଲ୍ଲାପାଳ ଭବତାରଣ ସାହୁ ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନେ ସୁଖଦ ଅନୁଭୂତି ନେଇ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମାର୍ଚ୍ଚ ୬ ତାରିଖରେ ପଡୁଥିବା ପଙ୍କୋଦ୍ଧାର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ, ବିଦ୍ୟୁତ୍, ବ୍ୟାରିକେଡିଂ, ଅଗ୍ନିନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା ହୋଇ ସଠିକ କାର୍ଯ୍ୟ ପରିଚାଳନା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୬ ତାରିଖ ପୂର୍ବରାତ୍ର ୨ଟାରୁ ଦ୍ୱାରଫିଟା, ରାତ୍ର ୩ଟାରୁ ମଙ୍ଗଳ ଆରତି, ଅବକାଶ ସରି ରାତି ୪ ଟାରୁ ସକାଳ ୬ଟା ମଧ୍ୟରେ ସକାଳ ଧୂପ, ସକାଳ ୬ରୁ ୭ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ ଟାରୁ ୮ ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ ହେବ। ମଧ୍ୟାହ୍ନ ୧୨ଟାରୁ ରାତ୍ର ୯ଟା ସର୍ବସାଧାରଣ ଦର୍ଶନ ଓ ରାତ୍ର ୯ଟାରୁ ୧୧ଟା ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବ। ସେହିପରି ୮ ତାରିଖ ଜାଗର ପାଇ ପୂର୍ବରାତ୍ର ସାଢ଼େ ୧୨ଟାରେ ଦ୍ୱାରଫିଟା, ରାତି ୧ଟାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତି ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତି ୧୦ରୁ ୨ଟା ପର୍ଯ୍ୟନ୍ତ ବିଭିନ୍ନ ନୀତି କରାଯିବ। ରାତ୍ର ୩ଟାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସାହୁ ସୂଚନା ଦେଇଥିଲେ। ଶେଷରେ ସଦର ତହସିଲଦାର ଅଭିଷେକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ, ସେବାୟତ ନିଯୋଗ, ପଙ୍କୋଦ୍ଧର ଏକାଦଶୀ ପାଳିଆ ସେବାୟତ ପ୍ରମୁଖ ଯୋଗ ଦେଇଥିଲେ।

## ରୂପକ ମହୋତ୍ସବ ଉଦ୍‌ଯାପିତ

ପୁରୀ, ୫।୨(ସମିସ): କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ଅନୁଷ୍ଠିତ ଦୁଇଦିନିଆ ରୂପକ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବର୍‌ଖେଡିଙ୍କ ପୃଷ୍ଠପୋଷକରେ ପରିସରର ନିର୍ଦ୍ଦେଶକ ପ୍ରଫେସର ଅତୁଲ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ଅଧିବେଶନରେ ତିରୁପତି ରାଷ୍ଟ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାଜେନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀସଦାଶିବ ପରିସରର ପ୍ରାକ୍ତନ ପ୍ରଫେସର ଦୁର୍ଗାପ୍ରସାଦ ଦାସ ମହାପାତ୍ର, ଧର୍ମଶାସ୍ତ୍ର ବିଭାଗର ବିଭାଗ ମୁଖ୍ୟ ପ୍ରଫେସର ଲଳିତ କୁମାର ସାହୁ ଯୋଗ ଦେଇଥିଲେ। ପ୍ରଥମ ଅଧିବେଶନରେ ଶଙ୍କର ତ୍ରିପାଠୀ, ଭରତ ନାୟକ, ଶିବସୁନ୍ଦର ମିଶ୍ର, ସତ୍ୟ ଦାସ, ଲକ୍ଷ୍ମୀଧର ପୂଜାପଣ୍ଡା, ଗୁରୁ ଶତପଥୀ, କାର୍ତ୍ତିକ ସାହୁ, ଗୋପବନ୍ଧୁ ପ୍ରତିହାରୀ, ସୂର୍ଯ୍ୟମଣି ରଥ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଦେବେନ୍ଦ୍ରନାଥ ନନ୍ଦ, କେ. ସୁରେଶ ବାବୁ, ଶମ୍ଭୁନାଥ ହୋତା ପ୍ରମୁଖ ପ୍ରତିଭାଙ୍କୁ ଉପଢୌକନ ଓ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପରେ ଭାଷା ଏକାଡେମୀ କୋଇଲେନ୍ତି, କେରଳଙ୍କ କର୍ଣ୍ଣଭାରମ, ଶ୍ରୀ ଭଗବାନ ଦାସ ଆଦର୍ଶ ସଂସ୍କୃତ ମହାବିଦ୍ୟାଳୟ, ହରିଦ୍ୱାରଙ୍କ ମର୍ତ୍ତ୍ୟ ଚାତୁର୍ଯ୍ୟମ୍, ଶ୍ରୀ ସଦାଶିବ ପରିସର ପୁରୀଙ୍କ ଷୋଡ଼ଷ ସଂସ୍କାରମ୍ ଅତ୍ୟନ୍ତ ମନୋଜ୍ଞ ପରିବେଶରେ ମଞ୍ଚସ୍ଥ ହୋଇଥିଲା। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଅଧ୍ୟାପକ ବିଶ୍ୱନାଥ ମିଶ୍ର ଏବଂ ଅଧ୍ୟାପିକା ଡ. ସ୍ୱାଗତିକା ମହାନ୍ତି ସଂଯୋଜନା କରିଥିବା ବେଳେ ମଞ୍ଚ ସହାୟତା କରିଥିଲେ ଅଧ୍ୟାପକ ସୁଶାନ୍ତ କୁମାର ଶତପଥୀ ଓ ଡ. ରୁଦ୍ର ପ୍ରସାଦ ମିଶ୍ର। ଏହାର ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ ପ୍ରଫେସର ଧର୍ମେନ୍ଦ୍ର କୁମାର ସିଂହଦେଓ।

## ବେଡ୍‌ରୋଲ କର୍ମଚାରୀଙ୍କୁ ଆକ୍ରମଣ କରି ୨ ଯାତ୍ରୀ ଗିରଫ

ପୁରୀ, ୫।୨(ସମିସ): ରେଳ ବିଭାଗରେ କାମ କରୁଥିବା ବେଡ୍‌ରୋଲ କର୍ମଚାରୀଙ୍କୁ ମାଡ଼ ମାରି ଗିରଫ ହୋଇଛନ୍ତି ୨ ଯାତ୍ରୀ। ଗିରଫ ଯାତ୍ରୀ ହେଲେ ମଧ୍ୟପ୍ରଦେଶର ରାଜପ୍ରତାପ ସିଂ ଏବଂ ରଣଜିତ୍ ସିଂ। ଅଭିଯୋଗ ଅନୁଯାୟୀ, ପୁରୀ-ଦିଲ୍ଲୀ ଟ୍ରେନରେ ଘଟିଛି ଘଟଣା। ଯାତ୍ରା ସମୟରେ କିଛି କମଳ ଏବଂ ବେଡ୍‌ସିଟ୍ ମିଳି ନ ଥିଲା। ତେଣୁ ବେଡ୍‌ରୋଲ କର୍ମଚାରୀ ଭାବେ କାମ କରୁଥିବା ପୁରୀ ଗଡ଼ଭିଙ୍ଗୁରାର ଶିବଶଙ୍କର ଜେନା ଏବଂ ବ୍ରହ୍ମଗିରିର ବିଶ୍ୱମ୍ବର ପ୍ରଧାନ ଉପରୋକ୍ତ ୨ ଅଭିଯୁକ୍ତଙ୍କ ଉପରେ ସନ୍ଦେହ କରିଥିଲେ। ତାଙ୍କରି ପାଖରେ ଖୋଜିବା ସମୟରେ ଅଭିଯୁକ୍ତ ଦ୍ୱୟ ଗାଳିମନ୍ଦ କରିବା ସହ ବିଶ୍ୱମ୍ବରକୁ ମାଡ଼ ମାରିଥିଲେ। ଏଥିରେ ବିଶ୍ୱମ୍ବର ଆହତ ହୋଇ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଏ ନେଇ ଶିବଶଙ୍କରଙ୍କ ଅଭିଯୋଗ କରିବାରୁ ଜିଆର୍‌ପି ଥାନା ପୁଲିସ ଦୁଇଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କୁ କୋର୍ଟଚାଲାଣ କରିଛି।

## ରାଜଲକ୍ଷ୍ମୀ ସୁରବାଣୀର ବସନ୍ତ ଉତ୍ସବ

ପୁରୀ, ୫।୨(ସମିସ): ରାଜଲକ୍ଷ୍ମୀ ସୁରବାଣୀ ପ୍ରସ୍ତୁତ ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ବସନ୍ତ ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ସାରସ୍ୱତ ସାଧିକା ପ୍ରତିମା ମିଶ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ କବିତା ସଙ୍କଳନ ‘ପରାଗ ସଙ୍ଗମ’ ଲୋକାର୍ପିତ ହୋଇଥିଲା। କବି ଶ୍ୟାମପ୍ରକାଶ ସେନାପତି ପୁସ୍ତକର ସମୀକ୍ଷା ପାଠ କରିଥିଲେ। ଦ୍ୱିତୀୟ ପର୍ବ ଭକ୍ତି ଓ ଅନୁରାଗ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ଅଞ୍ଜଳି ମିଶ୍ର, ରଞ୍ଜନ ମିଶ୍ର, ଯଜ୍ଞଦତ୍ତ ଦାଶ, ସଂଘମିତ୍ରା ଦାଶ ପ୍ରମୁଖ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଗୀତିକାର ଗୁରୁ ଶତପଥୀଙ୍କୁ ସମ୍ମାନିତ କରାଯାଇଥିଲା। ଅନ୍ତିମ ତଥା ତୃତୀୟ ପର୍ବରେ କବି ହରିହର ମିଶ୍ରଙ୍କ ରଚିତ ଏବଂ ଅଭିନେତା ରବି ନାରାୟଣ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ କ୍ଷୁଦ୍ର ନାଟକ ‘ଏ ଅମୃତ କାହାର’ ମଞ୍ଚସ୍ଥ ହୋଇଥିଲା। ସଙ୍ଗୀତ ନିର୍ଦ୍ଦେଶକ ରୂପକଳ୍ପ ମିଶ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏଥିରେ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।

## ଶିକ୍ଷୟିତ୍ରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

ପୁରୀ, ୫।୨(ସମିସ): ବଳଗଣ୍ଡି ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମୀନାକ୍ଷି ମିଶ୍ରଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଅମ୍ରିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀମତି ମିଶ୍ରଙ୍କୁ ମାନପତ୍ର, ଉତ୍ତରୀୟ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଇଡ୍ ପ୍ରଶିକ୍ଷିକା ଓ ହିନ୍ଦୀ ଶିକ୍ଷୟିତ୍ରୀ ଭାବରେ ସେ କାର୍ଯ୍ୟ କରି ଅନେକ ପ୍ରଶଂଶା ଲାଭ କରିଥିଲେ।









# ମାତୃଭାଷା ଗୋଟିଏ ଜାତିର ପରିଚୟ

କୋଣାର୍କ, ୫ ।୨(ସମିସ)



କୋଣାର୍କରେ ମାତୃଭାଷା ସଚେତନତା ଶୋଭାଯାତ୍ରା

ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ କୋଣାର୍କ ଏନ୍‌ଏସି ପକ୍ଷରୁ 'ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ' ସୋମବାର ଅନୁଷ୍ଠିତ ହୋଇଯାଇଛି। କୋଣାର୍କ ସାହିତ୍ୟ ସଂସଦ ଓ ବସନ୍ତମଞ୍ଜରୀ ପାଠାଗାର ସହଯୋଗ କରିଥିଲେ। ପୂର୍ବାହ୍ନରେ କୋଣାର୍କ ଏନ୍‌ଏସି ଅଫିସ୍ ପରିସରରୁ ମାତୃଭାଷା ସଚେତନତା ଶୋଭାଯାତ୍ରା ବାହାରି କୋଣାର୍କ ବଜାର ପରିକ୍ରମା କରିଥିଲା। କୋଣାର୍କ ଏନ୍‌ଏସି ଅଧ୍ୟକ୍ଷ ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ ଓ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସବୁଜ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। କୋଣାର୍କର ୧୦ଟି ବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୫ଶହ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ, ସ୍ଥାନୀୟ ଯୁବଗୋଷ୍ଠୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଏହାପରେ ଏନ୍‌ଏସି କଲ୍ୟାଣ ମଣ୍ଡପରେ ଏକ ସାରସ୍ୱତ ସଭାର ଆୟୋଜନ କରାଯାଇଥିଲା। କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସାହିତ୍ୟ ସଭାରେ ବରିଷ୍ଠ ଶିକ୍ଷାବିତ୍ କ୍ଷୀରୋଦ ଚନ୍ଦ୍ର ରାୟମହାପାତ୍ର ମୁଖ୍ୟଅତିଥି, ବରିଷ୍ଠ ସଂସ୍କୃତ ବିଦ୍ୱାନ ହରମୋହନ ମିଶ୍ର ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଗୋପୀନାଥ କର, ଶିକ୍ଷାବିତ୍ ଶରତଚନ୍ଦ୍ର ପ୍ରଧାନ, କବି ଉମାକାନ୍ତ ମହାପାତ୍ର, କବି କାମଦେବ ମହାରଣା, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ସୁବାସ କୁମାର ବରାଳ, ଶିକ୍ଷାବିତ୍ ଉପେନ୍ଦ୍ର କୁମାର ଭୋଳ ପ୍ରମୁଖ ମଞ୍ଚାସୀନ ହୋଇ 'ଆମ ଭାଷା ଆମ ପରିଚୟ' ଶୀର୍ଷକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ସାରସ୍ୱତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସ୍ପଷ୍ଟ କରିବା ସହିତ ସଂଯୋଜନା କରିଥିଲେ। ଏହାପରେ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କବୟିତ୍ରୀ ସର୍ବାଣୀ ଦାସ, କ୍ରିଷ୍ଣା ମହାପାତ୍ର ଓ ସୁଜାତା ସିହ୍ନାଙ୍କ ସଂଯୋଜନାରେ ଆୟୋଜିତ କବିତାପାଠ କାର୍ଯ୍ୟକ୍ରମରେ ୩୦ଜଣ କବି ସ୍ୱରଚିତ କବିତା ଆବୃତ୍ତି କରିଥିଲେ। ଅପରାହ୍ନରେ ଦ୍ୱିତୀୟ ଅଧିବେଶନରେ ୪୫ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା ଏବଂ ଓଡ଼ିଆ ଭାଷା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବିଭିନ୍ନ ବିଦ୍ୟାଳୟର ୭୦ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଏହି ଅବସରରେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବା ବାଲୁକାଶିଳ୍ପୀ ସରିତା ଗୋଛାୟତ ଏବଂ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ପରିଡ଼ା, ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ପାତ୍ର, ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମୁଦୁଲି, ଶିକ୍ଷକ ରାଜକିଶୋର ସେନାପତି ଓ ଶିକ୍ଷକ ରାମକୃଷ୍ଣ ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, ଉପାଧ୍ୟକ୍ଷ ସୁରେଶ ଚନ୍ଦ୍ର ରାଉତରାୟ ଓ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ ସମସ୍ତ ସାରସ୍ୱତ ପ୍ରତିଭା ଓ ଅତିଥିଙ୍କୁ ସମ୍ମାନିତ କରିଥିଲେ। ଏନ୍‌ଏସିର ବରିଷ୍ଠ କର୍ମଚାରୀ ପ୍ରକାଶ କୁମାର ଲେଙ୍କା, ଭାଗିରଥୀ ବରାଳ ଓ ସଂଗ୍ରାମ ସେନାପତି ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ



**କୃଷ୍ଣପ୍ରସାଦ, ୫ ।୨(ସମିସ):** ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ପଞ୍ଚାୟତର କବୟିତ୍ରୀଙ୍କୁ ନେଇ ମିଶନ ଶକ୍ତି ଓଡ଼ିଆ କବି ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କୃଷ୍ଣପ୍ରସାଦ ବିଡ଼ିଓ ବିଜୟ କୁମାର ବେହେରା, ସିଡ଼ିପିଓ ମନୋରମା ଦେବୀ, ବିଆରସିସି ସତ୍ୟବ୍ରତ ସାହୁ, ରୁକ୍ମିଣୀ ଦେବୀ ମହାବିଦ୍ୟାଳୟ ଅଧ୍ୟାପିକା ରୁବିବାଳା ମହାନ୍ତି, ବିପିଏମ ଉମାକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମାଜରେ ଭାଇଚାରା ସୃଷ୍ଟି କରିବା ସହ ସମସ୍ତଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ କବିତାର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କବି ସମ୍ମିଳନୀରେ ୨୫ ଜଣ ମହିଳା ଅଂଶ ଗ୍ରହଣ କରି କବିତା ପାଠ କରିଥିଲେ। କୃତୀ କବୟିତ୍ରୀଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ବିପିସି ସାବିତ୍ରୀ ପଶ୍ଚିମ କବାଟ, ମିଶନ ଶକ୍ତି ଆକାଉଟାଣ୍ଟ ଅମିତାଭ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁରୀ ଜିଲ୍ଲାରେ ୩ଟି ବହୁମୁଖୀ ବାତ୍ୟା ବନ୍ୟା ଆଶ୍ରୟସ୍ଥଳକୁ ମଞ୍ଜୁରୀ

**ପୁରୀ, ୫।୨(ସମିସ):** ପୁରୀ ଜିଲ୍ଲାର ୩ଟି ବହୁମୁଖୀ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳ ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାରୀ ମଞ୍ଜୁରୀ ମିଳିଛି ବୋଲି ଜିଲ୍ଲାପାଳ ବିଜୟ କୁମାର ଦାଶ ସୂଚନା ଦେଇଛନ୍ତି। ବ୍ରହ୍ମଗିରି ବ୍ଲକର ମାଣିକ ପଞ୍ଚାୟତ ମିର୍ଜାପୁର ଗ୍ରାମର ଖାତା ନମ୍ବର ୪୨ ପ୍ଲଟ ନମ୍ବର ୧୬୯ରେ ଗୋଟିଏ, ପଣସପଦା ପଞ୍ଚାୟତ ରାମେଶ୍ୱରପୁର ସାମିଲ ପାଇକସାହିର ଖାତା ନମ୍ବର ୧୨୩ ପ୍ଲଟ ନମ୍ବର ୫୮୩ରେ ଗୋଟିଏ ଓ କୃଷ୍ଣପ୍ରସାଦ ବ୍ଲକ ବଡ଼ଝାଡ ପଞ୍ଚାୟତ ଓ ବଡ଼ଝାଡ ଗ୍ରାମର ଖାତା ନମ୍ବର ୨୦୬ ପ୍ଲଟ ନମ୍ବର ୨୫୧ରେ ଗୋଟିଏ ଏହିଭଳି ୩ଟି ବହୁମୁଖୀ ଆଶ୍ରୟସ୍ଥଳ ନିର୍ମାଣ ହେବ। ପୁରୀ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଞ୍ଚଳ। ବିଶେଷକରି ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ଏହି ଆଶ୍ରୟ ସ୍ଥଳର ଆବଶ୍ୟକତା ରହିଥିଲା। ସରକାର ଏହାକୁ ମଞ୍ଜୁର କରିବା ଦ୍ୱାରା ଅଞ୍ଚଳବାସୀଙ୍କର ଅନେକ ସୁବିଧା ହେବା ସହ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏହାର ସର୍ବାଧିକ ଉପଯୋଗ ହୋଇପାରିବ ବୋଲି ଜିଲ୍ଲାପାଳ ଶ୍ରୀ ଦାଶ କହିଛନ୍ତି।

## ପଲ୍ଲିଛକରେ ୪ ଦିନ ହେଲା ପାଣି ଯୋଗାଣ ବନ୍ଦ

**ନୟାହାଟ, ୫ ।୨(ସମିସ):** ରାଜ୍ୟ ସରକାର ପାନୀୟ ଜଳ ଯୋଗାଣ ଉପରେ ଗୁରୁତ୍ୱ ଦେଉଥିବା ବେଳେ ଗ୍ରାମଞ୍ଚଳରର ଲୋକମାନଙ୍କ ସୁବିଧା ପାଇଁ ଘର ପାଖରେ ବସୁଧା ଯୋଜନାରେ ପାଣି ପହଞ୍ଚାଇବା ପାଇଁ ସରକାର ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତଦାରଖ ପାଇଁ ଜଣେ ପାନୀୟଜଳ ପରିମଳ ବିଭାଗର ଜଣେ ଯନ୍ତ୍ରୀ ଓ କର୍ମଚାରୀ ଅଛନ୍ତି। କିନ୍ତୁ ସେମାନଙ୍କୁ ବାରବାର ଅଭିଯୋଗ କରୁଥିଲେ ମଧ୍ୟ ଯନ୍ତ୍ରୀ ଓ କର୍ମଚାରୀ କର୍ଣ୍ଣପାତ କରୁନାହାନ୍ତି କି ଅଭିଯୋଗ ଶୁଣି କାମକରୁ ନାହାନ୍ତି ବୋଲି ଅଭିଯୋଗ ହେଉଛି। ଅଭିଯୋଗର ସଠିକ ତଦନ୍ତ ହେଉନାହିଁ ଯାହା ଫଳରେ କେଉଁଠି ପାଇପି ଫାଟୁ ଥିବା ବେଳେ କେଉଁଠି ପାଣି ବାହାରୁ ନାହିଁ। ଯାହା ଦେଖିବାକୁ ମିଳିଛି ନୟାହାଟ ପାଣ୍ଠି ଅନ୍ତର୍ଗତ ବଉଲାଙ୍ଗ ପଞ୍ଚାୟତର ପଲ୍ଲିଛକ ଠାରେ ଥିବା ବସୁଧା ଯୋଜନାରେ ୪ ଦିନ ହେଲା ପାଣିଯୋଗାଣ ବନ୍ଦ। ଯାହା ଫଳରେ ପଲ୍ଲିଛକ ଅଞ୍ଚଳରେ ଥିବା ୪ ଟି ଗ୍ରାମ ପଲ୍ଲି, ସିଠୁଲା, ଭିମାପଡ଼ା, ମଠ ସାହିରେ ଲୋକମାନେ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଞ୍ଚଳରେ ଅଭିଯୋଗ କରିଛନ୍ତି। ଆଗକୁ ଖରା ଦିନ ଆସିଥିବାରୁ ଧୁମାଳ, ଜଙ୍ଗଲବରୀ, ଦେସ୍ତଲୀ, ଇସାଣ ପୁର, ବଉଲାଙ୍ଗ ପ୍ରମୁଖ ପଞ୍ଚୟତରେ ବିଭିନ୍ନ ସ୍ଥାନରେ ପାଣି ଟ୍ୟାପ, ପାଇପ୍, ନଳକୂପ ଖରାପ ହୋଇପଡ଼ିଛି। ତୁରନ୍ତ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅନନ୍ତ ବାସୁଦେବ ଉପ୍ରାକୁ ଶ୍ରେଷ୍ଠ ବିଦ୍ୟାଳୟ ପୁରସ୍କାର

ନୟାହାଟ, ୫ ।୨(ସମିସ)



ପୁରୀ ଜିଲ୍ଲା ଚାରିଛକ ଥାନା ଅନ୍ତର୍ଗତ ତମ୍ପାଳ ପଞ୍ଚାୟତ ପାଳଶ୍ରୀ ଅନନ୍ତ ବାସୁଦେବ ଉପ୍ରା ବିଦ୍ୟାଳୟକୁ ଶ୍ରେଷ୍ଠ ବିଦ୍ୟାଳୟ ଓ ପ୍ରଧାନଶିକ୍ଷକ ବିଜୟ କୁମାର ନାୟକଙ୍କୁ ଶ୍ରେଷ୍ଠ ପ୍ରଧାନଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ରାଜ୍ୟସ୍ତରୀୟ ଶ୍ରେଷ୍ଠ ବିଦ୍ୟାଳୟ ଓ ଶ୍ରେଷ୍ଠ ପ୍ରଧାନଶିକ୍ଷକ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଅନନ୍ତ ବାସୁଦେବ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ କୁମାର ନାୟକ ଙ୍କ ବ୍ୟକ୍ତିଗତ ଜମା ଖାତାକୁ ଶ୍ରେଷ୍ଠ ବିଦ୍ୟାଳୟ ବାବଦରେ ୫ ଲକ୍ଷ ଟଙ୍କା ମିଳିଥିବା ବେଳେ ଶ୍ରେଷ୍ଠ ପ୍ରଧାନଶିକ୍ଷକ ବାବଦରେ୨୫ ହଜାର ଟଙ୍କା ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ପ୍ରଦାନ କରାଯାଇଛି। ଏନେଇ ନିମାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀ ଦୀପ୍ତିକାନ୍ତ ପ୍ରଧାନ, ବିପିସିସି ଶ୍ରୀମତୀ ସୌଦାମିନୀ ଦାଶ, ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମହାନ୍ତି, ଶ୍ରୀମାନ ଶେଖର ରଥ, ଆବାହକ ଓ ଶିକ୍ଷା ପରିଚାଳନା କମିଟିର ସଭାପତି ଲିଙ୍ଗରାଜ ପଣ୍ଡା, ଆଞ୍ଚଳିକ ସାଧନା କେନ୍ଦ୍ରର ସମ୍ପାଦକମିସକିନ ଖାଁ ସମେତ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟିର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି।

## ଭାଷା ସାହିତ୍ୟ ଓ ସୃଜନଶୀଳତା ଉତ୍ସବ



**କୃଷ୍ଣପ୍ରସାଦ, ୫ ।୨(ସମିସ):** ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପରିପ୍ରେକ୍ଷୀରେ କୃଷ୍ଣପ୍ରସାଦ ମଣ୍ଡଳସ୍ତରୀୟ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉତ୍ସବ ଚିଲିକା ନୂଆପଡ଼ା ନୋଡ଼ାଲ ଉପ୍ରା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଆରସିସି ସତ୍ୟବ୍ରତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଅଭିବୃଦ୍ଧି ପାଇଁ କେତେକ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ସିଆରସିସି ସତ୍ୟବାଦୀ ବିଶ୍ୱାଳ, ସିଆରସିସି ରମାକାନ୍ତ ଜେନା, ପ୍ରଶାନ୍ତ କୁମାର ପ୍ରଧାନ, ସୁକାନ୍ତ କୁମାର ଜେନା, ବରିଷ୍ଠ ପ୍ରଧାନ ଶିକ୍ଷକ ସୁଦର୍ଶନ ସେଠୀ, ସୁବାସ ଚନ୍ଦ୍ର ପ୍ରଧାନ, ବସନ୍ତ କୁମାର ଜାଲି, ଖଗେଶ୍ୱର ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୀପକ କୁମାର ମାଝୀ ପ୍ରମୁଖ ଆମ ମହନୀୟ ସଂସ୍କୃତିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଚିତ୍ରାଙ୍କନ, କୁଇଜ, ବିତର୍କ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏଥିରେ ବ୍ଲକର ୧୧୫ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜ୍ୟସ୍ତରୀୟ ମା'ଶାରଳା କପ୍; କୁମାରବସ୍ତ ଖୋର୍ଦ୍ଧା ଚାମ୍ପିଅନ୍



ଅସ୍ତରଙ୍ଗ, ୫ ।୨(ସମିସ)

ଅସ୍ତରଙ୍ଗର ନରେନ୍ଦ୍ର ଷ୍ଟାଡିୟମରେ ଜାନୁଆରୀ ୨୬ତାରିଖରୁ ଆରମ୍ଭ ହୋଇଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶାରଳା କପ୍ ରବିବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ କାକଟପୁର ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସମ୍ମାନିତ ଅତିଥି ଭାବେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାୟକ, ଉପାଧ୍ୟକ୍ଷ ଦୁର୍ଯୋଧନ ମିଶ୍ର, କାକଟପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଶ୍ରୀଧର ନାୟକ, ଅନିଲ୍ କୁମାର ପ୍ରଧାନ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ପୂର୍ବତନ ସମିତି ସଭ୍ୟ ଦିବାକର ଛାଟୋଇ, ଦୀଲ୍ଲିପ ପଟ୍ଟନାୟକ ଓ ଅନ୍ୟମାନେ ଯୋଗଦେଇଥିଲେ। ଫାଇନାଲ୍ ମ୍ୟାଚ୍‌ରେ କୁମାରବସ୍ତ ଖୋର୍ଦ୍ଧା ବନାମ ଯଦୁପୁର ଭୁବନେଶ୍ୱର ମଧ୍ୟରେ ଖେଳ ହୋଇଥିଲା। କୁମାରବସ୍ତ ବ୍ୟାଟିଂ କରି ୨୫ ଓଭରରେ ୧୯୨ରନ୍ ସଂଗ୍ରହ କରିଥିଲା। ଦ୍ୱିତୀୟ ପାଳିରେ ଯଦୁପୁର ଭୁବନେଶ୍ୱର ବ୍ୟାଟିଂ କରି ୨୫ ଓଭରରେ ୯ ଉଇକେଟ୍ ହରାଇ ୧୭୭ ରନ୍ କରିବାରେ ୧୫ ରନରେ ପରାସ୍ତ ହୋଇଥିଲା। ଦର୍ଶକଙ୍କ ମନୋରଞ୍ଜନ କରିବାକୁ ଟିଭି ଓଡ଼ିଆ ସିରିଏଲ୍ ଅଭିନେତ୍ରୀ ଇତି ଓ ସୂର୍ଯ୍ୟମୟୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ଅଭିନୟ ଓ ନାଚଗୀତରେ ଉପସ୍ଥିତ ଦର୍ଶକଙ୍କୁ ମୁଗ୍ଧ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ଟୁର୍ଣ୍ଣାମେଣ୍ଟ ଆୟୋଜକ ଶାରଳା ସ୍ପୋର୍ଟିଂ ପକ୍ଷରୁ ଅତିଥିମାନଙ୍କ ଗହଣରେ ଚାମ୍ପିଅନ ଟିମ୍ କୁମାରବସ୍ତ ସ୍ପୋର୍ଟିଂର ଅଧିନାୟକଙ୍କୁ ଟ୍ରଫି ସହ ୩୧ ହଜାର ୧୦୧ ଟଙ୍କା ଓ ରନର୍ସ ଟିମ୍ ଅଧିନାୟକଙ୍କୁ ୨୧ ହଜାର ୧୦୧ ଟଙ୍କା ପ୍ରଦାନ କରାଯାଇଥିଲା। କୁମାରବସ୍ତର ଆଇଏସ୍ ଗିରି ମ୍ୟାନ୍ ଅଫ୍ ଦି ମ୍ୟାଚ, ସୁନୀଲ ସାହୁ ମ୍ୟାନ ଅଫ ଦି ସିରିଜ୍ ସମେତ ଉତ୍ତମ ଖେଳ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଆକର୍ଷଣୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା।ଫାଇନାଲ୍ ଖେଳରେ ବୁଲୁ ବଳିୟାର ସିଂହ ଓ ବାବୁଲ ସାହୁ ଅମ୍ପିୟାଅର ଦାୟିତ୍ୱ ତୁଲାଇବା ବେଳେ ପ୍ରକାଶ ଚନ୍ଦ୍ର ବେହେରା ଓ ମଣ୍ଟୁ ଭୋଳ ଖେଳରେ ଧାରା ବିବରଣୀ ପ୍ରଦାନ କରିଥିଲେ।

## ଚାରିଛକ ସାମ୍ବାଦିକ ସଂଘରେ ୨ ନୂତନ ସଭ୍ୟଙ୍କ ଯୋଗଦାନ



**ଚାରିଛକ, ୫।୨(ସମିସ):** ଚାରିଛକ ନିକଟସ୍ଥ ଜାହାଙ୍ଗୀରପୁରର ମା'ଦୁଳାଦେଇ ୟୁଥ୍ କ୍ଲବରେ ରବିବାର ଚାରିଛକ ସାମ୍ବାଦିକ ସଂଘର ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଫୁଲ୍ଲ କରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସଂଘର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ ମିତ୍ର, ଏବିଏମ ଚକ୍ରଧର ସା, ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, କାହ୍ନୁ ବେହେରା, ପଣ୍ଡିତ ମୂରଲୀଧର ଭାରତୀ ଗୋସ୍ୱାମୀ, କୃଷ୍ଣଚନ୍ଦ୍ର ରାଉତ, ପ୍ରସନ୍ନ ଦାଶ, ଶତ୍ରୁଘ୍ନ ପାତ୍ର, (ଅଧିନ), ମହେନ୍ଦ୍ର ନାୟକ, ଶିଶିର ନାୟକ, ନରେନ୍ଦ୍ର ପ୍ରଧାନ, ସମ୍ପାଦକ ବସନ୍ତ ଦାସ, ସହସମ୍ପାଦକ ବିଜୟ ବେହେରା, ବରିଷ୍ଠ ସାମ୍ବାଦିକ ବସନ୍ତ ନାୟକ, ପ୍ରଫୁଲ୍ଲ ସାହୁ, ସୁବାସ ସାହୁ, ପ୍ରଶାନ୍ତ ସାହୁ ପ୍ରମୁଖ ଯୋଗଦେଇ ସାରା ବିଶ୍ୱରେ ଓଡ଼ିଆ ଭାଷା ଯେପରି ପ୍ରଥମ ସ୍ଥାନରେ ରହିବ ସେଥିପାଇଁ ସମସ୍ତେ ଚେଷ୍ଟା ଜାରି ରଖିବାକୁ ସଂଘର ଉପଦେଷ୍ଟା ଶିକ୍ଷାବିତ୍ ପ୍ରଫେସର ଶ୍ରୀ କର ଓ ଡଃ ମିତ୍ର କହିଥିଲେ। ଚାରିଛକ ସାମ୍ବାଦିକ ସଂଘରେ ନୂତନ ସଭ୍ୟଭାବେ ସାମ୍ବାଦିକ ପ୍ରଦୀପ୍ତ କୁମାର ବେହେରା ଓ ସାମ୍ବାଦିକ ସୁଦର୍ଶନ ବେହେରାଙ୍କୁ ଗ୍ରହଣ କରାଯିବା ସହିତ ଉଭୟଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

## ଗୋଦାମ ଘରୁ ଚୋରି

**ଗୋପ, ୫ ।୨(ସମିସ):** ଗୋପ ଥାନା ଅଧିନ ବେଗୁନିଆଁ ଛକରେ ଥିବା ଏକ ଗୋଦାମ ଘରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ଗୋପ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନା ମୁତାବକ, ବେଦପୁର ଗ୍ରାମର ଦିଲ୍ଲୀପ କୁମାର ସାହୁଙ୍କ ବେଗୁନିଆ ଛକରେ ଏକ ଗୋଦାମ ଗୃହ ରହିଛି। ଶନିବାର ସେ ଗୋଦାମ ଘରକୁ ବନ୍ଦ କରି ଘରକୁ ଯାଇଥିଲେ। ମାତ୍ର ସକାଳେ ତାଲା ଭଙ୍ଗାଯାଇଥିବା ଓ ଗୋଦାମରେ ଥିବା ୫୦ ହଜାର ଟଙ୍କା ସମେତ ଏକ ଓଜନରେ ବ୍ୟବହୃତ ହେଉଥିବା ବିଭିନ୍ନ ସାଜ ବଟକରା ଓ ଡ଼ିଜିଟାଲ ଓଜନ ମେସିନ୍‌କୁ ଦୁର୍ବୃତ୍ତମାନେ ନେଇଯାଇଥିବା ଦିଲ୍ଲୀପ ଗୋପ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତିକରି ଗୋପ ପୁଲିସ୍ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି।

## ଆତ୍ମା ପକ୍ଷରୁ କୃଷକମାନଙ୍କୁ ଉନ୍ନତମାନର ଫାର୍ମ ପରିଦର୍ଶନ

**କଣାସ, ୫ ।୨(ଇମିସ):** କଣାସ ବ୍ଲକ ଆତ୍ମା ପକ୍ଷରୁ ୩୨ ଜଣ ଚାଷୀମାନଙ୍କୁ ନେଇ ରବିବାର କଣାସଠାରୁ ବସ୍ ଯୋଗେ କୋରାପୁଟ ଜିଲ୍ଲା ସେମିଳିଗୁଡା କେବିକେ ଏବଂ ପଟାଙ୍ଗୀ ଉନ୍ନତମାନର ମସଲାଜାତୀୟ ଉଦ୍ୟାନ ବୁଲାଇ ଦେଖାଇବା ସହ କିପରି ଜୈବ ପ୍ରଣାଳୀରେ ମଞ୍ଜି ବିଶୋଧନ, ମଞ୍ଜି ରୋପଣ ଓ ଗଛର ସୁରକ୍ଷା ପାଇଁ ଝେବ ପ୍ରଣାଳୀରେ ଔଷଧ ତିଆର କରି ସିଞ୍ଚନ କରିବା ପାଇଁ ପଟାଙ୍ଗୀ ଉଚ୍ଚପତନ ମସଲା ଗବେଷଣା କେନ୍ଦ୍ରର ଅଧିକାରୀ ଡାକ୍ତର ପର୍ଶୁରାମ ଶୀଆଳ ବୁଝାଇବା ସହିତ ଚାଷୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ପ୍ରଦାନ କରିଥିଲେ। କିପରି ଗୋଲମରିଚ, ଗୁଜୁରାତି, ଲବଙ୍ଗ, ଡାଳଚିନି, ତେଜପତ୍ର ଓ ହଳଦୀ ବିଭିନ୍ନ କିସମର ଧନିଆଁପତ୍ର ଚାଷକରି ଚାଷୀମାନେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ସୂଚନା ଦେଇଥିଲେ।

## ୪ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ

**ଡେଲାଙ୍ଗ, ୫।୨(ସମିସ):** ଡେଲାଙ୍ଗ ବ୍ଲକର ୪ ଟି ପଞ୍ଚାୟତରେ 'ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନାତା କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଛି। ଡେଲାଙ୍ଗ-କୋଠବାଡ, ସୁଜନପୁର, କଲ୍ୟାଣପୁର ଓ ମୁନିଦା ପଞ୍ଚାୟତରେ ଆୟୋଜିତ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ଅର୍ନ୍ତଭୁକ୍ତ ପଞ୍ଚାୟତସ୍ତରୀୟ ସଚେତନତା ଶିବିରରେ ସ୍ଥାନୀୟ ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ଜିଲ୍ଲା ପରିଷଦ ସଭ୍ୟ ପ୍ରସନ୍ନ ସାହୁ, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ପ୍ରଦୀପ୍ତ କୁମାର ନାୟକ, ବିଜେଡି ବ୍ଲକ ସଭାପତି ବୈରାଗୀ ଜେନା, ଡେଲାଙ୍ଗ ବ୍ଲକ ସାଂସଦ ପ୍ରତିନିଧି ନୃସିଂହ ଚରଣ ଜେନା, କଲ୍ୟାଣପୁର ସରପଞ୍ଚ ଗୋବର୍ଦ୍ଧନ ସେଠୀ, ସମିତିସଭ୍ୟ ସୁଶାନ୍ତ କୁମାର ଦାସ, କୋଠବାଡ ନାଏବ ସରପଞ୍ଚ ନଳିନୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ଏହି ଅବସରରେ ପଞ୍ଚାୟତ ଗୁଡିକରେ ବିଗତ ଦିନରେ ହୋଇଥିବା ବିକାଶମୂଳକ କାର୍ଯ୍ୟର ଫଟୋଚିତ୍ର ପୁସ୍ତିକା 'ଆମ ପଞ୍ଚାୟତର ବିକାଶ' ଅତିଥିମାନେ ଲୋକାର୍ପଣ କରିଥିଲେ। ଜିଲ୍ଲା ପରିଷଦ ଶ୍ରୀସାହୁ ସମସ୍ତ ସଭାରେ ଅଧ୍ୟକ୍ଷତା କରିଥିବା ବେଳେ ବିଭିନ୍ନ ସମସ୍ୟା ସମ୍ପର୍କିତ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା।

## ରାଇଜିଂ ଷ୍ଟାର ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ୍

**ଗମ୍ଭାରୀପଦା/କାକଟପୁର, ୫ ।୨(ସମିସ):** କାକଟପୁର ବ୍ଲକର ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଠାରୁ ପ୍ରାଚୀବିହାର କ୍ରିଡା ମଇଦାନରେ ଆରମ୍ଭ ହୋଇଛି। ୧୬ଟି ଟିମ୍‌କୁ ନେଇ ଆରମ୍ଭ ହୋଇଥିବା ୧୦ଓଭର ବିଶିଷ୍ଟ ଟୁର୍ଣ୍ଣାମେଣ୍ଟ ୧୦ରେ ଶେଷ ହେବ। ଉଦ୍‌ଘାଟନୀ ମ୍ୟାଚ୍ ଷ୍ଟାର ଇଲେଭେନ (କଟକ) ଆଇଲ୍ୟାଣ୍ଡ ଇଲେଭେନ (କଟକ)ଙ୍କ ମଧ୍ୟରେ ଆରମ୍ଭ ହୋଇଛି। ସମାଜସେବୀ ଦିପକ ସ୍ୱାଇଁ ଓ ଚନ୍ଦନ ନାୟକ, ଫିତାକାଟି ମ୍ୟାଚ୍ ଆରମ୍ଭ ଘୋଷଣା କରିଥିଲେ। ଅମ୍ପାୟାର ମନିଷ ପାଣ୍ଡେ ଓ ଦେବରାଜ ଖତ୍ରୀ ଟସ୍ ପକାଇବା ପାଇଁ ଉଭୟ ଦଳର ଅଧିନାୟକଙ୍କୁ ଆମନ୍ତ୍ରଣ କରିଥିଲେ। ଆୟୋଜକ ବିପିନି ଜେନା, ମିଲୁ ସ୍ୱାଇଁ, ସଞ୍ଜୟ ବିଶ୍ୱାଳ, ରାହୁଲ ବେହେରା, ଶାଶ୍ୱତ ସମଦର୍ଶୀ ଲେଙ୍କା, ଜ୍ଞାନରଞ୍ଜନ ଦାସ, ଗୋପାଳ ବିଶ୍ୱାଳ, ଓ ମିଟୁ ବେହେରା ଶାନ୍ତିଶୃଙ୍ଖଳା ରକ୍ଷାରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ନିମାପଡ଼ା ୫।୨(ସମିସ):** ନିମାପଡ଼ା ବ୍ଲକ ପରିସରରେ ଥିବା ବିଜୁ ପଟ୍ଟନାୟକ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୁରୀ ଅତିରିକ୍ତ ଜିଲ୍ଲାପାଳ କୈଳାସ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ପୁରୀ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବଦ ଚକ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଡିଆରଡିଏ ଇ.ଓ ବିମଳ ତିରିଆ, ବ୍ଲକ ଅଧ୍ୟକ୍ଷ ଶଙ୍କର ଭୋଇ, ଉପାଧ୍ୟକ୍ଷ ଅନୁସୂୟା ମହାନ୍ତି, ବିଡିଓ ଭୁବନାନନ୍ଦ ପଟ୍ଟନାୟକ, ତହସିଲଦାର ବିଦ୍ୟାଧର ପତି, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ ଆଚାର୍ଯ୍ୟ, ଜଳସେଚନ ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ପ୍ରବୀର ବଳ, ପିଏଚ୍‌ଡି ବିଭାଗର ସହକାରୀ ନିର୍ବାହୀଯନ୍ତ୍ରୀ ଶଶୀ ମହାନ୍ତି, ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଅଧିକାରୀ ଡା.ପ୍ରଶାନ୍ତ ସାମନ୍ତରାୟ, ନିମାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟଚିକିତ୍ସା ଅଧିକାରୀ ଡା.କ୍ଷମାନିଧି ସେଠୀ, ନିମାପଡ଼ା ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପ୍ରଭାତ ମଲ୍ଲିକ, ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ ବ୍ଲକ ଜିପିଓ ଗୁଣନିଧି ମିଶ୍ରଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକର ୧୨୫ ହିତାକାରୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରେ ସବୁଠାରୁ ଅଧିକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ୧୧୫, ପାନୀୟ ଜଳ୧ଟି, ନରେଗା ଯୋଜନା ୧ଟି, ଜଳସେଚନ ୧ଟି, ରାସନକାର୍ଡ ସମ୍ବନ୍ଧୀୟ ଅଭିଯୋଗ ୩ଟି, ୫ଟି ମନ୍ଦିର କାର୍ଯ୍ୟ ସମ୍ପର୍କରେ ୧ଟି ଓ ରାସ୍ତା କଡରୁ ଉଚ୍ଛେଦ ସମ୍ପର୍କରେ ୩ଟି ଅଭିଯୋଗ କରାଯାଇଛି। ଉକ୍ତ ଅଭିଯୋଗ ଗୁଡିକ ୭ ଦିନ ମଧ୍ୟରେ ବିଚାର କରାଯିବ ବୋଲି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।



# ମଣ୍ଡଳସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳ ଉତ୍ସବ ଉଦ୍‌ଯାପିତ

ନିମାପଡ଼ା, ୫।୨(ସମିସ)



ନିମାପଡ଼ାସ୍ଥିତ ମଣ୍ଡଳ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପ୍ରାକ୍ଟସିଂ ୟୁଜିୟୁପି ବିଦ୍ୟାଳୟ ପରିସରରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଭାଷା, ସାହିତ୍ୟ ଓ ସୃଜନଶୀଳତାର ଉତ୍ସବ ଉଦ୍‌ଯାପିତ ହୋଇଯାଇଛି।ମଣ୍ଡଳ ଶିକ୍ଷା ଅଧିକାରୀ ଦ୍ୱିତୀକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ସୌଦାମିନୀ ଦାଶ, ପ୍ରତିଭା ମହାନ୍ତି, ସିମନ୍ତ ଶେଖର ରଥ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ କୁମାର ମିଶ୍ର ପ୍ରମୁଖ ଉପସ୍ଥିତଥିଲେ। କାର୍ଯ୍ୟକ୍ରମରେ ନିମାପଡ଼ା ଶିକ୍ଷାଜିଲ୍ଲାର ୧୧୦ ବିଦ୍ୟାଳୟରୁ ୨ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଏହି ଉତ୍ସବରେ ଡିବେଟ, କ୍ରୀଡା, ପେଟିଂ, ହସ୍ତଶିଳ୍ପ, କବିତା ଓ ଗଳ୍ପ ଲିଖନ, ପ୍ରକଳ୍ପ, ନୃତ୍ୟ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ନାଗବସ୍ତ ନୋଡାଲ ହାଇସ୍କୁଲର ଛାତ୍ର ସତ୍ୟଜିତ୍ ଦଳବେହେରା ସିନିୟର ଗ୍ରୁପରେ ପ୍ରଥମ ହୋଇଥିବା ବେଳେ ଅନନ୍ତ ବାସୁଦେବ ନୋଡାଲ ହାଇସ୍କୁଲର ଛାତ୍ର ସିନିୟର କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ଏବଂ ଜୁନିୟର ଗ୍ରୁପରେ ୫ମ ଶ୍ରେଣୀର ଛାତ୍ରୀ ଲିପ୍ସା ପ୍ରିୟଦର୍ଶିନୀ କୁଇଜ ପ୍ରତିଯୋଗିତା, ସିନିୟର ଗ୍ରୁପ ଚିତ୍ରାଙ୍କନ ପ୍ରତିଯୋଗିତାରେ ଦଣ୍ଡିପୁର ଏନ୍‌ୟୁପିଏସର ଶୁଭଶ୍ରୀ ମିଶ୍ର ଏବଂ ଜୁନିୟରରେ କରଞ୍ଜି ସାହି ପିପିଏସର ଷ୍ଟାଲିନ ସ୍ୱାଇଁ ପ୍ରଥମସ୍ଥାନ ଅଧିକାର କରିଥିଲେ। ଚିତ୍ରକଳା ହସ୍ତଶିଳ୍ପ, କବିତା ଓ ଗଳ୍ପ କଥନ, ପ୍ରକଳ୍ପ, ନୃତ୍ୟ ଓଳିକଣା ୟୁପିଏସ ଆଶିଷ କୁମାର ସାହୁ, ସୁମିତ୍ରା ମୁଦୁଲି, ଜୋରୁକୂଳ ୟୁପିଏସ ପବିତ୍ର ସରକାରୀ ହାଇସ୍କୁଲ, ମଣିଜଙ୍ଗର ସଞ୍ଜନା ନାୟକ ଏବଂ ନୃତ୍ୟରେ ସରକାରୀ ଜନତା ଏନ୍‌ୟୁପିଏସରୁ ଅର୍ପିତା ସାମଲ ଏବଂ ପ୍ରକଳ୍ପରେ ସେହି ବିଦ୍ୟାଳୟର ଆଦ୍ୟାଶା ମଲିକଜିଲ୍ଲାସ୍ତରୀୟ ପ୍ରତିଯୋଗୀତା ପାଇଁ ପୁରୀକୁ ମନୋନୀତ ହୋଇଛନ୍ତି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ନିମାପଡ଼ା ମହାବିଦ୍ୟାଳୟର ଓଡିଆ ବୀଭାଗର ଅବସରପ୍ରାପ୍ତ ଅଧ୍ୟାପକ ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ନାୟକ ଯୋଗ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରାଇବାରେ ନିମାପଡ଼ା ଶିକ୍ଷାଜିଲ୍ଲାର ସମସ୍ତ ସିଆରସିସିମାନେ ସହଯୋଗ କରିଥିବା ବେଳେ ପ୍ରାଥମିକ ସଂଘର ସମ୍ପାଦକ କଲ୍ୟାଣ କୁମାର ସ୍ୱାଇଁ, ଦେବାଶିଷ ପତି, କୃପାସିନ୍ଧୁ ପ୍ରଧାନ, ପ୍ରତାପ ସାବୁତ, ସୁକାନ୍ତ ସ୍ୱାଇଁ, ସତ୍ୟନାରାୟଣ ମହାପାତ୍ର, ତିଳୋତ୍ତମା ଦାଶ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ନିମାପଡ଼ା ଶିକ୍ଷାଜିଲ୍ଲା ପାଇଁ ଗର୍ବ ଆଣିଥିବା ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଚଳିତବର୍ଷ ଯୋଗ୍ୟ ବିବେଚିତ ବିଦ୍ୟାଳୟ ପ୍ରାକ୍ଟସିଂ ୟୁଜିୟୁପିର ପ୍ରଧାନଶିକ୍ଷକ ନିର୍ମଳ କୁମାର ମିଶ୍ର ଏବଂ ସିଆରସିସି ଅମୀୟ ସ୍ୱାଇଁଙ୍କୁ ମୁଖ୍ୟଅତିଥି ସ୍ୱତନ୍ତ୍ର ଭାବେ ପୁରସ୍କୃତ କରିଥିଲେ।

## ପୌରପରିଷଦ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

# 'ଓଡ଼ିଆ ଭାଷା ସମୟାନୁସାରେ ମାର୍ଜିତ ହେଉଛି'

ନୟାଗଡ଼, ୫।୨(ସମିସ): ନୟାଗଡ଼ ପୌରପରିଷଦ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ପୌରପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ତଥା ନାଟ୍ୟକାର ଡ. ବିଜୟ କୁମାର ଚୌଧୁରୀ ଯୋଗ ଦେଇଥିଲେ। ପୌରପରିଷଦ ଭାରପ୍ରାପ୍ତ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ସାରଗର୍ଭକ ଆଲୋଚନା ହୋଇଥିବା ବେଳେ ମୁଖ୍ୟବକ୍ତା ଉଦାହରଣ ପ୍ରସଙ୍ଗରେ ଓଡ଼ିଆ ଭାଷା ସମୟାନୁସାରେ ମାର୍ଜିତ ହୋଇ ଚାଲିଥିବା କହିଥିଲେ। ଶବ୍ଦ ବ୍ୟବହାରରେ ରହୁଥିବା ଫରକକୁ ମୁଖ୍ୟବକ୍ତା ବକ୍ତବ୍ୟ ମାଧ୍ୟମରେ ଆଲୋଚନା କରିଥିଲେ। ଓଡ଼ିଆ ହେଉଛି ହୃଦୟର କଥା। ଭାଷାର ଏକତା ରହିବା ଆବଶ୍ୟକ। ପ୍ରତ୍ୟେକ ପରିବାର ନିମନ୍ତେ ଓଡ଼ିଆରେ ଲେଖିବା ପାଇଁ ଅନୁରୋଧ କରିଥିଲେ। ମୁଁ ଓଡ଼ିଆ ବୋଲି ନିଜକୁ ଗର୍ବ ଅନୁଭବ କରିବାର ଆବଶ୍ୟକତା ରହିଛି ବୋଲି ଡ. ଚୌଧୁରୀ ପ୍ରକାଶ କରିଥିଲେ। ନିଜ ମାତୃଭାଷାକୁ ଭଲ ପାଇଲେ ଆମର ଅଧିକ ଉନ୍ନତି ହେବ ବୋଲି ମୁଖ୍ୟ ଅତିଥି ଶ୍ରୀମତୀ ଖଟେଇ ପ୍ରକାଶ କରିଥିଲେ। ନିଜ ଭାଷାକୁ ଗର୍ବିତ ହେବା ଆବଶ୍ୟକ ବୋଲି ପୌରାଞ୍ଚଳ ଉପାଧ୍ୟକ୍ଷ ଶ୍ରୀ ଜେନା ପ୍ରକାଶ କରିଥିଲେ। ଏହି ଅବସରରେ ସାହିତ୍ୟ କୃତି ପାଇଁ ୮୬ ଜଣ ସାହିତ୍ୟିକ, କବି ଓ ଲେଖକଙ୍କୁ ପୌରପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୌରପରିଷଦ ପକ୍ଷରୁ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପୂର୍ବକ ଓଡ଼ିଆ ବକ୍ତୃତା, ଓଡ଼ିଆ ପ୍ରବନ୍ଧ, ତତ୍କାଳ ବକ୍ତବ୍ୟକୁ ନେଇ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ୫୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସାହିତ୍ୟ ଏକାଡେମୀ ସଦସ୍ୟ ଅଶୋକ କୁମାର ନାୟକ, ଲେଖକ ପରିଷଦ ସମ୍ପାଦକ ଶେଖ୍ ଅବଦୁଲ୍ ଖାଲିକ, ପରମଶ୍ରୀ ସମ୍ପାଦକ ନିର୍ମଳ ଚନ୍ଦ୍ର ଶୂରଦେଓ, ଲେଖକ ପରିଷଦ ସଭାପତି ପ୍ରଧାନୀ ବୃନ୍ଦାବନ ମହାପାତ୍ର, କବି କମଳକାନ୍ତ ଦାଶ, କବି ଅଶୋକ କୁମାର ନାୟକ, କଣ୍ଠଶିଳ୍ପୀ ନବକିଶୋର ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୀପ୍ତ କୁମାର ପଟ୍ଟନାୟକ, ସ୍ମିତା ସ୍ୱାଇଁ, ଜୟଶ୍ରୀ ଦେବୀଙ୍କ ସମେତ ବହୁ କବି ଓ ସାହିତ୍ୟିକ ସାମିଲ ହୋଇଥିଲେ। ବରିଷ୍ଠ ସାମ୍ବାଦିକ ରାମକୃଷ୍ଣ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୌରପରିଷଦ କର୍ମଚାରୀ ଗଜେନ୍ଦ୍ର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




**ସାହିତ୍ୟ କୃତୀ ପାଇଁ ୮୬ ଜଣ ସମ୍ବର୍ଦ୍ଧିତ; ୫୬ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର**

● ଭାଷା ଓ ସାହିତ୍ୟର ମର୍ମ ବୁଝିଲେନି ବିଡିଓ

### କବି, ଲେଖକ, ସାହିତ୍ୟିକ ମହଲରେ ଅସନ୍ତୋଷ

ରାଜ୍ୟ ସରକାର ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅବସରରେ ବ୍ଲକ, ପୌରପରିଷଦ ଏବଂ ପଞ୍ଚାୟତସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ପ୍ରତି ପଞ୍ଚାୟତକୁ ୨୦ ହଜାର ଟଙ୍କା ଏବଂ ପ୍ରତି ବ୍ଲକକୁ ୫୦ ହଜାର ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ନୟାଗଡ଼ ଜିଲ୍ଲାର ନୟାଗଡ଼ ବ୍ଲକ ବ୍ୟତିରେକେ ସମସ୍ତ ବ୍ଲକ, ଏନ୍ଏସି ଓ ପୌରପରିଷଦ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଆଡମ୍ବର ପୂର୍ଣ୍ଣ ଭାବେ କରାଯାଇଛି। ନୟାଗଡ଼ ବ୍ଲକରେ ଗତ ୩ ତାରିଖ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ ଅତ୍ୟନ୍ତ ନିରାଡମ୍ବର ଭାବେ ବ୍ଲକ ସଭାଗୃହରେ କରାଯାଇଛି। ନୟାଗଡ଼ ବିଡିଓ ପଦ୍ମଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାତ୍ର ୧୦ରୁ ୧୫ ଜଣ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ କିଛି ସମୟ ସଭା କରି କାର୍ଯ୍ୟକ୍ରମ ସମାପନ ହୋଇଛି। ଏହି କାର୍ଯ୍ୟକ୍ରମକୁ ଅନେକ କବି ଓ ସାହିତ୍ୟିକଙ୍କୁ ନିମନ୍ତ୍ରଣ କରାଯାଇନଥିବା ଏବଂ କାର୍ଯ୍ୟକ୍ରମ ସମ୍ପର୍କରେ ଗଣମାଧ୍ୟମକୁ ଅନ୍ଧାରରେ ରଖାଯାଇଥିବାକୁ ନେଇ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଏବାବଦରେ ଆସିଥିବା ଟଙ୍କାକୁ ଚଳୁ କରିବା ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନ ଏଭଳି ନିରାଡମ୍ବର କାର୍ଯ୍ୟକ୍ରମ କରିଥିବା ଅଭିଯୋଗ ହୋଇଛି। ଭାଷା, ସାହିତ୍ୟର ମର୍ମକୁ ବିଡିଓ ବୁଝି ପାରିନଥିବା ନେଇ ସୋମବାର ପୌରପରିଷଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବହୁ ସାହିତ୍ୟିକ ମତ ଦେଇଛନ୍ତି।

## ମୂଲ୍ୟବାନ କାଠ ଜବତ

ଓଡ଼ଗାଁ, ୫।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅନ୍ତର୍ଗତ ସାକେରା ପାଣିବନ୍ଧ ଓ କୁଣ୍ଡିପି ଗ୍ରାମରୁ ବନବିଭାଗ ଚଢ଼ଉ କରି ମୂଲ୍ୟବାନ କାଠଗଣ୍ଡି ସହିତ ସାଇଜ ଜବତ କରିଥିବା ଜଣାପଡ଼ିଛି। ବିଶେଷ ସୂତ୍ରରୁ ଖବର ପାଇ ବନାଞ୍ଚଳ ଅଧିକାରୀ ନିଖିଳେଶ ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ବନପାଳ ସରିତା ବରାଳ ଓ ଟିମ୍ ସାକେରା ପାଣିବନ୍ଧ ଓ କୁଣ୍ଡିପି ଗ୍ରାମରେ ଚଢ଼ଉ କରିଥିଲେ। ବନବିଭାଗର ଗାଡ଼ିକୁ ଦେଖି ଦୁର୍ବୃତ୍ତ ଫେରାର ହୋଇଯାଇଥିବା ବେଳେ ଘଟଣାସ୍ଥଳରୁ ବନବିଭାଗ ମୂଲ୍ୟବାନ କାଠ ଓ ସାଇଜ ଜବତ କରିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ ବୋଲି ଜଣାପଡ଼ିଛି।

## ଦୁଇ ବଖରା ଭସ୍ମୀଭୂତ

ଓଡ଼ଗାଁ, ୫।୨(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ଗିରିଡିପଲ୍ଲୀ ଗ୍ରାମ ତ୍ରିନାଥ ଗୌଡ଼ଙ୍କ ଘରେ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ଭସ୍ମୀଭୂତ ହେବା ସହିତ ବିପୁଳ ପରିମାଣର ସାମଗ୍ରୀ ନଷ୍ଟ ହୋଇଥିବା ଜଣାପଡ଼ିଛି। ଶନିବାର ବିଳମ୍ବିତ ରାତିରେ ତ୍ରିନାଥଙ୍କ ଚାଳ ଘରେ ନିଆଁ ଲାଗିଯିବାରୁ ଘର ମଧ୍ୟରେ ଥିବା ୪ ବସ୍ତା ଧାନ, ୬ ବସ୍ତା ଚାଉଳ ଓ ମୁଗ, ବିରି ଓ ଅନେକ ଆସବାବପତ୍ର ଜଳି ପୋଡି ଛାରଖାର ହୋଇଯାଇଥିଲା। ଅନ୍ୟପକ୍ଷେ ଅଗ୍ନିକାଣ୍ଡର କ୍ଷୟକ୍ଷତି ହୋଇଥିବାରୁ ତ୍ରିନାଥଙ୍କୁ ସରକାରୀ ସହାୟତା ପ୍ରଦାନ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଅଗ୍ନିକାଣ୍ଡର ସଠିକ କାରଣ ଜଣା ପଡ଼ିନଥିଲେ ସୁଦ୍ଧା ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେହି ଦୁର୍ବୃତ୍ତ ଏଭଳି ଅଘଟଣ ଘଟାଇଥିବା ସନ୍ଦେହ ପ୍ରକାଶ ପାଇଛି।

## ରଞ୍ଜିକ ବାଦକ ଗୁରୁରତ୍ନ ହରିହରଙ୍କ ପରଲୋକ



ଭାପୁର, ୫।୨(ସମିସ): ଭାପୁର ବ୍ଲକ କରବର ପଞ୍ଚାୟତ ନଣ୍ଡାବର ଗ୍ରାମର ରଞ୍ଜିକ ବାଦକ (ମୃଦଙ୍ଗ) ବାଦକ ଗୁରୁରତ୍ନ ହରିହର ସାହୁଙ୍କ ୯୦ ବର୍ଷ ବୟସରେ ରବିବାର ଦିନ ପରଲୋକ ଘଟିଛି। ସେ ମୃଦଙ୍ଗ ବାଦକମାନଙ୍କ ପାଇଁ 'ତାଳ ଶିକ୍ଷା ଦର୍ପଣ' ନାମକ ଏକ କାଳଜୟୀ ପୁସ୍ତକ ରଚନା କରିଛନ୍ତି। ମୃତ୍ୟୁ ଶଯ୍ୟା ନିକଟରେ ତିନି ପୁଅ, ଚାରି ଝିଅ ଓ ନାତି ନାତୁଣୀମାନେ ଉପସ୍ଥିତ ଥିଲେ। ଶତାଧିକ ଛାତ୍ର ଓ ଶୁଭେଚ୍ଛୁଙ୍କ ସହ ତାଙ୍କ ମରଶରୀରକୁ ଗାଁ ପରିକ୍ରମା କରାଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡପୁଅ ସୁଶାନ୍ତ ମୁଖାଗ୍ନି ଦେଇଥିଲେ।

## ବାଇଗୁଣିଆ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ସେମିରେ ଟାଙ୍ଗୀ

ଭାପୁର, ୫।୨(ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବାଇଗୁଣିଆ ୟୁଥ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୨୭ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଟାଙ୍ଗୀ ରଘୁନାଥ ଏଫସି ୧-୦ ଗୋଲରେ ଖୋର୍ଦ୍ଧାର ମା' ମଙ୍ଗଳା କ୍ଲବକୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛି। ଖୋର୍ଦ୍ଧା ଦଳ ଗୋଲ ସୁଝାଇ ନପାରି ପରାଜୟ ବରଣ କରିଥିଲା। ଖେଳ ପରିଚାଳନା କରିଥିଲେ ପ୍ରସନ୍ନ କୁମାର ନାୟକ। ଲାଇନରେ ସହଯୋଗ କରିଥିଲେ ଆଶିଷ କୁମାର ପଟ୍ଟନାୟକ ଓ ଜଗନ୍ନାଥ ପରିଡ଼ା। ଚତୁର୍ଥ ରେଫରି ଥିଲେ କାହ୍ନୁଚରଣ ମହାରଣା। ଅତିଥି ଭାବେ ସମାଜସେବୀ ବିରଞ୍ଚି ନାରାୟଣ ଦାଶ, ବାଇଗୁଣିଆ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ନାରାୟଣ ମହାରଣା, ବାଘୁଆପଲ୍ଲୀ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ନବ କିଶୋର ସାହୁ ଓ ବାଇଗୁଣିଆ ପଞ୍ଚାୟତ ପୂର୍ବତନ ସମିତି ସଭ୍ୟ ଲିଙ୍ଗରାଜ ଦାଶ ଯୋଗ ଦେଇଥିଲେ। ମଙ୍ଗଳବାର ଯଦୁମଣି କ୍ଲବ ଇଟାମାଟି ଓ ୭୨-କ୍ଲବ ଭୁବନେଶ୍ୱର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

● ଝଲସିବ ମୁଖ୍ୟ ଟ୍ରାଫିକ୍ ଛକ

## ସୌନ୍ଦର୍ଯ୍ୟମୟ ୱାଟର୍ ଫାଉଣ୍ଟେନ୍ ସିଷ୍ଟମ



'ଆମ ପାଇଁ ବଡ଼, ଆମ ନୟାଗଡ଼' ଫଳକ ଲାଗିଲା

ନୟାଗଡ଼, ୫।୨(ସମିସ): ନୟାଗଡ଼ ମୁଖ୍ୟ ଟ୍ରାଫିକ ଛକ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଥିବା ବେଳେ ଏହାକୁ ନେଇ ସହରବାସୀଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି ହୋଇଛି। ଅତ୍ୟାଧୁନିକ ଟ୍ରାଫିକ ବ୍ୟବସ୍ଥା ପାଇଁ ନିର୍ମାଣ ହେଉଥିବା ଗୋଲେଇ ଛକରେ ୱାଟର ଫାଉଣ୍ଟେନ୍ ସିଷ୍ଟମ ବ୍ୟବସ୍ଥା କରାଯାଉଥିବା ବେଳେ ଆଜି 'ଆମ ପାଇଁ ବଡ଼, ଆମ ନୟାଗଡ଼' ଫଳକ ଲଗାଯାଇଛି। ଟ୍ରାଫିକ ଛକର ସୌନ୍ଦର୍ଯ୍ୟ ବୃଦ୍ଧିରେ ଏହା ବେଶ୍ ସହାୟକ ହେବ। ଜାତୀୟ ରାଜପଥ ବିଭାଗ ପକ୍ଷରୁ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ୨ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଏହି ଟ୍ରାଫିକ୍ ଛକ ୨୦୨୩ ମସିହା ଫେବୃଆରୀ ମାସରୁ କାର୍ଯ୍ୟାରମ୍ଭ ହୋଇଥିଲା। ଅବଧି ଶେଷ ହୋଇଥିବା ବେଳେ ଏହାର ନିର୍ମାଣ ସରିନଥିବା ଚିନ୍ତା ସୃଷ୍ଟି କରିଛି। ଖୁବ୍ ଶୀଘ୍ର ଏହାର କାର୍ଯ୍ୟ ଶେଷ କରି ଲୋକାର୍ପିତ କରାଯିବା ପାଇଁ ମତ ପ୍ରକାଶ ପାଇଛି।

## ନୀଳମାଧବଙ୍କ ମାଘମେଳା ନିମନ୍ତେ ପ୍ରସ୍ତୁତି

ଖଣ୍ଡପଡ଼ା, ୫।୨(ସମିସ): ନୟାଗଡ଼ ଜିଲ୍ଲାର ପ୍ରସିଦ୍ଧ କଣ୍ଟିଲୋ ଶ୍ରୀ ନୀଳମାଧବଙ୍କ ମାଘମେଳା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୋମବାର ଅପରାହ୍ନରେ ଖଣ୍ଡପଡ଼ା ପଞ୍ଚାୟତ ସମିତି ସଭାଗୃହରେ ତହସିଲଦାର ତଥା ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ଧୋବେଇ ନାୟକଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକଟି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମଣ୍ଡଳ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟ ଉଜଳ ମହାରଣା, ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋ, ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ସ୍ୱାଇଁ, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ଦେବୋତ୍ତର ମ୍ୟାନେଜର ହରିହର ଦାଶ ପ୍ରମୁଖ ମଞ୍ଚାସୀନ ରହି ମାଘମେଳାକୁ କିପରି ସରସ ସୁନ୍ଦର କରାଯିବ ସେ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। ଫେବୃଆରୀ ୨୩ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ମାଘମେଳା ହେବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ କଣ୍ଟିଲୋ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଆଲୋଚନା ହୋଇଛି। ବିଶେଷ କରି ଚଳିତ ବର୍ଷ ମାଘମେଳା ପୁରୁଣା ଯାତ୍ରା ପଡ଼ିଆ ପରିବର୍ତ୍ତେ ପଲଟନ ପଡ଼ିଆରେ ଅନୁଷ୍ଠିତ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ତେବେ ମାର୍ଚ୍ଚ ୧ ତାରିଖରୁ ତିନୋଟି ଅପେରା ପର୍ଯ୍ୟାୟକ୍ରମେ ଆସିବେ ବୋଲି ସୂଚନା ମିଳିଛି। ଉକ୍ତ ବୈଠକରେ ଅଗ୍ନିଶମ ବିଭାଗ, ପାନୀୟ ଜଳ ବିଭାଗ, ବିଦ୍ୟୁତ୍ ବିଭାଗ ଓ ପୁଲିସ ବିଭାଗ ପକ୍ଷରୁ ଅଧିକାରୀମାନେ ଉପସ୍ଥିତ ରହି ସମସ୍ତ ସୁବିଧା ସୁଯୋଗ ଯୋଗେଇ ଦେବାପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା, ବରିଷ୍ଠ ସାମ୍ବାଦିକ ପ୍ରଭାକର ଶିରୋମଣି, ସମିତି ସଭ୍ୟ ପ୍ରତିନିଧି ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

● ନୟାଗଡ଼ରେ କଙ୍ଗାରୁକୋର୍ଟ ନେଲା ଜୀବନ

## ମୁଖ୍ୟ କାର୍ପଟଦାର ସାଜିଥିଲେ ପୁଲିସ କନେଷ୍ଟବଳ

ନୟାଗଡ଼, ୫।୨(ସମିସ): ନୟାଗଡ଼ ଜିଲ୍ଲାରେ କଙ୍ଗାରୁକୋର୍ଟ ଏକ ବ୍ୟାଧିରେ ପରିଣତ ହୋଇଛି। ବିଗତ କିଛିବର୍ଷର ସ୍ଥିତିକୁ ଲକ୍ଷ କଲେ ସର୍ବାଧିକ କଙ୍ଗାରୁକୋର୍ଟ ଘଟଣା ନୟାଗଡ଼ ସଦରଥାନା ଅଞ୍ଚଳରେ ଘଟୁଛି। କଙ୍ଗାରୁକୋର୍ଟର କରୁଣ ପରିଣତିରେ କାହା ଘର ଭାଙ୍ଗୁଛି ତ, କେଉଁଠି ମୁଣ୍ଡ ଗଡୁଛି। ଏଭଳି ଏକ କଙ୍ଗାରୁକୋର୍ଟ ଦ୍ୱାରା ନିର୍ଯାତିତ ଆତ୍ମହତ୍ୟା ଉଦ୍ୟମ କରି ମୃତ୍ୟୁ ସହ ସଂଗ୍ରାମ କରୁଥିବା ବ୍ୟକ୍ତିଙ୍କ ସୋମବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମୃତକ ନୟାଗଡ଼ ସଦରଥାନା ଅନ୍ତର୍ଗତ ଚାହାଳୀ ଗ୍ରାମର ସୁବାଷ ଚନ୍ଦ୍ର ବେହେରା। ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ପରେ ତାଙ୍କ ଶବ ବ୍ୟବଚ୍ଛେଦ କରାଯାଇ ଗାଁକୁ ଅଣାଯାଇଛି। ଚାହାଳୀ ଗ୍ରାମର ସୁବାଷ ଏବଂ ତାଙ୍କ ବାପାଙ୍କ ମଧ୍ୟରେ ପାରିବାରିକ ବିବାଦ ରହିଥିଲା। ଘଟଣା ସମ୍ପର୍କରେ ତାଙ୍କ ବାପା ଗାଁ କମିଟିକୁ ଜଣାଇଥିଲେ। ଯାହାକୁ କେନ୍ଦ୍ର କରି ଉକ୍ତ ଗ୍ରାମବାସୀ ତଥା ନୟାଗଡ଼ ଜିଲ୍ଲା ନୂଆଗାଁ ଥାନାରେ କାର୍ଯ୍ୟରତ ପୁଲିସ କନେଷ୍ଟବଳ ସନ୍ତୋଷ କୁମାର ବେହେରାଙ୍କ ନେତୃତ୍ୱରେ କଙ୍ଗାରୁକୋର୍ଟ କରି ସୁବାଷଙ୍କୁ ୫ ହଜାର ଟଙ୍କା ଜରିମାନା କରିବା ସହ ନିଆଁ ପାଣି ବାସନ୍ଦ କରା ଯାଇଥିଲା। ସୁବାଷ ଏହାକୁ ସହ୍ୟ କରି ନପାରି, ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା କରୁଥିବା ବେଳେ ତାଙ୍କ ଝିଅ ଅର୍ଚ୍ଚନା ବେହେରା ଏନେଇ ସଦରଥାନାରେ ଅଭିଯୋଗ କରିଥିଲେ। ସଦରଥାନା ପୁଲିସ ଅଭିଯୋଗ ଆଧାରରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲେ। ସନ୍ତୋଷଙ୍କ ସମେତ ଅନ୍ୟ ୩ ଜଣଙ୍କୁ ଗିରଫ କରାଯାଇଥିଲା। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଚାହାଳୀ ଗ୍ରାମ ସଭାପତି

**ଚିକିତ୍ସାଧୀନ ଅବସ୍ଥାରେ ସୁବାସଙ୍କ ମୃତ୍ୟୁ**

ରମାକାନ୍ତ ମିଶ୍ର, ମାଗୁଣି ବେହେରା, ବଂଶୀଧର ମିଶ୍ର ଏବଂ ସନ୍ତୋଷ ରହିଥିଲେ। ପୁଲିସ କନେଷ୍ଟବଳ ସନ୍ତୋଷଙ୍କୁ ନିଲମ୍ବନ ମଧ୍ୟ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ସୋମବାର ଦିନ ସୁବାଷଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଘଟଣା ସମ୍ପର୍କରେ ନୟାଗଡ଼ ଏସ୍‌ଡିପିଓ ସ୍ନେହାଶିଷ ସାହୁଙ୍କୁ ପଚାରିବାରୁ ଥାନାରେ ରହିଥିବା ମାମଲା ବଦଳିବ ବୋଲି ସୂଚନା ଦେଇଛନ୍ତି। ୩୦୬ ଦଫାରେ ମାମଲା ରୁଜୁ କରାଯିବା ସହ କୋର୍ଟଙ୍କୁ ଏନେଇ ଅବଗତ କରାଯିବ। କୋର୍ଟରୁ ଯାହା ନିଷ୍ପତ୍ତି ଆସିବ, ସେ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଶୁଦ୍ଧ ଓଡ଼ିଆ କହିବା ଓ ନିର୍ଭୁଲ ଓଡ଼ିଆ ଲେଖିବା ପାଇଁ ସଂକଳ୍ପ

ଖଣ୍ଡପଡ଼ା, ୫।୨(ସମିସ): ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମାତୃଭାଷାର ସୁରକ୍ଷା ନିମନ୍ତେ ଓଡ଼ିଶାର କୋଣ ଅନୁକୋଣରେ ପ୍ରଚାର ପ୍ରସାର ହେଉଥିବା ବେଳେ ଖଣ୍ଡପଡ଼ା ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିରଞ୍ଜନ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତିନିଦିନ ଧରି ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ଆଜି ଉଦ୍ଯାପିତ ହୋଇଯାଇଛି। ସ୍ଥାନୀୟ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ମାଧବ ପ୍ରସାଦ ମିଶ୍ର, ବିଶିଷ୍ଟ ସୁସାହିତ୍ୟିକ ତଥା ଲେଖକ କୁଳମଣି ଷଡଙ୍ଗୀ, ଶିଶୁକବି କାଶୀନାଥ ଦାସ, ସଂକୀର୍ତ୍ତନ ବାୟକ ଲୋକନାଥ ମହାରଣା ପ୍ରମୁଖ ମଞ୍ଚାସୀନ ରହି ଓଡ଼ିଆ ଭାଷାର ସୁରକ୍ଷା ଓ ସୁଦ୍ଧ ଓଡ଼ିଆ କହିବା ସହିତ ନିର୍ଭୁଲ ଓଡ଼ିଆ ଲେଖିବା ଆଦି ଦିଗରେ ସମସ୍ତେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ। ଏହା ସହିତ ଖଣ୍ଡପଡ଼ାର ମାଟିରେ ଜନ୍ମନେଇଥିବା ସ୍ୱର୍ଗତ ଦୀନବନ୍ଧୁ ଖାଡେଙ୍ଗା, ପୀତବାସ ସିଂହ ସାମନ୍ତ, ଗଦାଧର ସିଂହ ସାମନ୍ତ, ବାଉରୀବନ୍ଧୁ ବାଣୀ ଭୂଷଣ, ଦାମୋଦର ବାହିନୀପତି, ଫକୀର ବ୍ରହ୍ମା ପ୍ରମୁଖ ଓଡ଼ିଆ କାବ୍ୟ କବିତା ରଚନା କରି ଆମ ମାନଙ୍କ ପାଇଁ ସେମାନେ ମହାପୁରୁଷ ପାଲଟିଥିବା ଅତିଥିମାନେ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି ଅବସରରେ ଅଧ୍ୟକ୍ଷା ଶ୍ରୀମତୀ ପ୍ରଧାନ ସମସ୍ତ ଅତିଥିଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଏଥିସହିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଏନ୍ଏସି ପକ୍ଷରୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସିଟି ମିଶନ ମ୍ୟାନେଜର ରଘୁନାଥ ସେଠୀ ଓ କମ୍ୟୁନିଟି ଅର୍ଗାନାଇଜର ସ୍ୱତସ୍ୱିନୀ ନାୟକ ସହଯୋଗ କରିଥିଲେ। ସେହିପରି କାଉନସିଲର କୁମୁଦିନୀ ନାୟକ, ସତ୍ୟପ୍ରିୟ ମହାପାତ୍ର, ଦିଗାମ୍ବର ମିଶ୍ର, ବିମଳା ପ୍ରଧାନଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡ଼ି କର୍ମୀ ଓ ଶତାଧିକ ସହରାଞ୍ଚଳବାସୀ ଯୋଗ ଦେଇଥିଲେ।



**ରଣପୁର:** ରଣପୁର ଏନ୍ଏସି ପକ୍ଷରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ପାଳିତ ହୋଇଯାଇଛି। ରଣପୁର ଏନ୍ଏସି ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ବିଶିଷ୍ଟ ଐତିହାସିକ ଏବଂ ଲେଖକ ସତ୍ୟବାଦୀ ବଳିଆରସିଂ, ରଣପୁର ସାହିତ୍ୟ ସଂସଦ ସଭାପତି ବିଜୟ କୁମାର ଜେନା, ସମ୍ପାଦକ ନବକିଶୋର ସାମନ୍ତରାୟ, ଶିକ୍ଷାବିତ୍ ବିରଞ୍ଚି ନାରାୟଣ ତ୍ରିପାଠୀ, କଳ୍ପନା ରଥ ଏବଂ ରାଜକିଶୋର ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ୧୩ ଜଣ କବି ଓ ଲେଖକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା।

**ସୁଧୁରୁନି ଗଣିଆ ଟ୍ରାଫିକ୍ ସମସ୍ୟା**

## ପ୍ରସ୍ତାବରେ ସୀମିତ ବାଇପାସ୍ ନିର୍ମାଣ

ଗଣିଆ, ୫।୨(ସମିସ): ନୟାଗଡ଼ ଜିଲ୍ଲାର ଛୋଟ ତଥା ଅନୁନ୍ନତ ବ୍ଲକ ଭାବେ ଗଣିଆ ବ୍ଲକ ପରିଚିତ। ଏହି ବ୍ଲକର ସଦରମହକୁମା ଗଣିଆ ବଜାରର ଉନ୍ନତିମୂଳକ କାର୍ଯ୍ୟ କେବଳ ନାମକୁ ମାତ୍ର ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଗଣିଆ ବଜାର ମଧ୍ୟରେ କଣ୍ଟିଲୋ-ଗଣିଆ-ଦଶପଲ୍ଲା ରାଜ୍ୟ ରାଜପଥ ଯାଇଥିବା ବେଳେ ବଜାରର ମୁଖ୍ୟଛକ ଠାରୁ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ପର୍ଯ୍ୟଟନସ୍ଥଳୀକୁ ରାସ୍ତା ଯାଇଛି। ଭୁବନେଶ୍ୱର, କଟକ, ଅନୁଗୁଳଠାରୁ ରାଜ୍ୟ ରାଜପଥ ତଥା ଗଣିଆ ବଜାର ଦେଇ ଦଶପଲ୍ଲା ଅଭିମୁଖେ ଦୈନିକ ଶହ ଶହ ଯାତ୍ରୀବାହୀ ବସ୍, ମାଲବାହୀ ଟ୍ରକ ସହ ବିଭିନ୍ନ ଭାରୀଯାନ ଯାତାୟାତ କରୁଛି। ଭାରୀଯାନ ଗଣିଆ ବଜାର ଦେଇ ଅତିକ୍ରମ କରିବା ସମୟରେ ଗୋଲେଇ ଛକଠାରୁ ବ୍ଲକ ଛକ ଓ କଣ୍ଟିଲୋ ରାସ୍ତା ଉଭୟ ପାର୍ଶ୍ୱ ରାସ୍ତା ଜାମ ହେଉଥିବା ଦେଖାଯାଇଛି। ଅନେକ ସମୟରେ ଦ୍ରୁତଗାମୀ ଭାରୀଯାନ, ବାଲି ବୋଝେଇ ହାଇୱା ଦିନବେଳେ ଏହି ରାସ୍ତାରେ ଯାତାୟାତ କରୁଥିବା ସମୟରେ ଧନଜୀବନ ବିପଦଗ୍ରସ୍ତ ହୋଇଛି। ଗତ ୨୦୨୨ ମସିହାରେ ଜିଲ୍ଲାପାଳ ଗଣିଆଠାରେ ବାଇପାସ୍ ରାସ୍ତା ନିର୍ମାଣର ଅନୁଧ୍ୟାନ କରିଥିବା ବେଳେ ଏହାର ଅଗ୍ରଗତି ହୋଇପାରିନଥିବା ଜଣାପଡ଼ିଛି। ରାଜନୈତିକ ଓ ପ୍ରଶାସନିକ ସ୍ତରରେ ବାଇପାସ ନିର୍ମାଣ କେବଳ ପ୍ରସ୍ତାବରେ ସୀମିତ ହୋଇ ରହିଛି। ଗଣିଆ ବଜାରରେ ଟ୍ରାଫିକ ସମସ୍ୟା ଦୂର କରିବା ପାଇଁ ଏକ ବାଇପାସ୍ ନିର୍ମାଣର ଆବଶ୍ୟକତା ରହିଛି। ରାଜ୍ୟ ରାଜପଥ ନିର୍ମାଣ ପରେ ଏହି ରାସ୍ତା ଦେଇ ଯାନବାହନ ସଂଖ୍ୟା ବୃଦ୍ଧି ପାଇଥିବା ବେଳେ ସେହି ଅନୁପାତରେ ଦୁର୍ଘଟଣା ସଂଖ୍ୟା ବୃଦ୍ଧି ପାଉଛି। ଜନବହୁଳ ଅଞ୍ଚଳ ଗୁଡ଼ିକରେ ବାଇବାସ୍ ନିର୍ମାଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ପ୍ରଶାସନ କର୍ଣ୍ଣପାତ କରୁନାହାଁନ୍ତି। ରାଜ୍ୟ ରାଜପଥ ଉପରେ ଗଣିଆ ବଜାର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ଅଟେ। ଦିନକୁ ଦିନ ଉକ୍ତ ବଜାର ବୃଦ୍ଧି ପାଇବା ସହିତ ଯାନବାହନ ସଂଖ୍ୟା ଦ୍ରୁତଗତିରେ ବଢ଼ି ଚାଲିଛି। ପୂର୍ବାହ୍ନ ୧୦ଟା ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଉକ୍ତ ଜନଗହଳିପୂର୍ଣ୍ଣ ରାସ୍ତାଦେଇ ଯିବାଆସିବା କରୁଥିବା ସମୟରେ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହିତ ଦୁର୍ଘଟଣା ଘଟୁଛି। ବାଲିଘାଟରୁ ବାଲି ଓ କ୍ରସରରୁ ଦୈନିକ ଶତାଧିକ ଭାରୀଯାନ ଗୃହ ନିର୍ମାଣ ସାମଗ୍ରୀ ନେଇ ଗଣିଆ ବ୍ଲକର ବିଭିନ୍ନ ରାସ୍ତା ଓ ଗଣିଆ ବଜାର ଦେଇ ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥକୁ ସଂଯୋଗ କରୁଥିବାରୁ ସବୁବେଳେ ଟ୍ରାଫିକ ସମସ୍ୟା ସହିତ ଦୁର୍ଘଟଣାର ଆଶଙ୍କା ସୃଷ୍ଟି ହେଉଛି। ଏହା ବ୍ୟତୀତ ଏଠାରେ କୌଣସି ପାର୍କିଂ ବ୍ୟବସ୍ଥା ନଥିବାରୁ ଦୈନନ୍ଦିନ କାର୍ଯ୍ୟରେ ଲୋକମାନେ ଦୋକାନ ବଜାର ଆସୁଥିବା କାର୍ଯ୍ୟରେ ରାସ୍ତା ପାର୍ଶ୍ୱରେ ନିଜ ନିଜର ଗାଡ଼ିଗୁଡ଼ିକ ରଖୁଥିବାରୁ ଟ୍ରାଫିକ ସମସ୍ୟା ବୃଦ୍ଧି ଘଟୁଛି। ଗଣିଆ ବଜାର ଉପରେ ଗଣିଆ ବ୍ଲକର ୮ଟି ପଞ୍ଚାୟତ ଓ ନିକଟସ୍ଥ ଖଣ୍ଡପଡ଼ା ବ୍ଲକର ୨ଟି ପଞ୍ଚାୟତର ଲୋକ ଦୈନନ୍ଦିନ ଚଳଣି ନିମନ୍ତେ ପନିପରିବାଠାରୁ ଆରମ୍ଭ କରି ଡାଲି ଚାଉଳ ସାମଗ୍ରୀ ସମେତ ଗଣିଆ ବଜାର ଉପରେ ନିର୍ଭର କରିବା ସହିତ ସାପ୍ତାହିକ ହାଟ, ଶିକ୍ଷା, ସ୍ୱାସ୍ଥ୍ୟସେବା, ବ୍ୟାଙ୍କ ଆଦି କାର୍ଯ୍ୟରେ ନିର୍ଭର କରିଥାନ୍ତି। ଖୁବ୍ ଶୀଘ୍ର ବାଇପାସ୍ ନିର୍ମାଣ କରିବା ସହିତ ଟ୍ରାଫିକ୍ ସମସ୍ୟାର ସ୍ଥାୟୀ ସମାଧାନ କରାଯିବାକୁ ଦାବି ହେଉଛି।




● ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

## ୧୪୮ ମାମଲାର ତୁରନ୍ତ ସମାଧାନ

ନୟାଗଡ଼, ୫।୨(ସମିସ): ନୟାଗଡ଼ ଜିଲ୍ଲା ସଦରମହକୁମାରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ସ୍ୱଧାଦେବ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣି ଶିବିରରେ ନୟାଗଡ଼ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ ଉପସ୍ଥିତ ଥିଲେ। ଏଥିସହିତ ନୟାଗଡ଼ ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଡିଏଫଓ କ୍ଷମା ଷଡ଼ଙ୍ଗୀ, ସ୍ଥାନୀୟ ତହସିଲଦାର ରାଜେଶ କେଶରୀ ସ୍ୱାଇଁ ଓ ନୟାଗଡ଼ ବିଡିଓ ପଦ୍ମଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୨୮୨ଟି ମାମଲା ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୨୩୬ଟି ବ୍ୟକ୍ତିଗତ



ମାମଲା ରହିଥିବା ବେଳେ ୬ ଗୋଟି ଗ୍ରାମ୍ୟ ବିବାଦ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୩୭ ଜଣଙ୍କୁ ସହଯୋଗ କରାଯାଇଥିବା ବେଳେ ରେଡକ୍ରସରୁ ୩ ଜଣଙ୍କୁ ସାହାଯ୍ୟ କରାଯାଇଥିଲା। ଜନଶୁଣାଣି ଶିବିରରେ ୧୪୮ଟି ମାମଲାର ତୁରନ୍ତ ସମାଧାନ କରାଯାଇଥିଲା। ଜନଶୁଣାଣି ଶିବିରରେ ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିବା ଦେଖିବାକୁ ମିଳିଥିଲା।

**ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ**

# ଓଡ଼ିଆ ଭାଷା ହିଁ ଓଡ଼ିଶାର ପରିଚୟ

ଖୋର୍ଦ୍ଧା, ୫।୨ (ସମିସ):



ସ୍ଥାନୀୟ ବକ୍ସି ଜଗବନ୍ଧୁ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ତଥା ଜିଲ୍ଲାସ୍ତରୀୟ ଭାଷା ସାହିତ୍ୟ ଓ ସୃଜନଶୀଳତାର କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇଙ୍କ ତତ୍ୱାବଧାନରେ ୧୦ଟି ବ୍ଲକ ଓ ବିଏମ୍‌ସିରୁ କୃତୀ ଛାତ୍ରଛାତ୍ରୀମାନେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ପ୍ରତି ବ୍ଲକରୁ ୧୦ଜଣ ପିଲା, ଦୁଇଜଣ ଗାଇଡ୍ ଶିକ୍ଷକ ଏବଂ ଦୁଇ ଜଣ ଲେଖାଏଁ ମୋ ସ୍କୁଲର ସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ । ପ୍ରାତଃ ଅଧିବେଶନରେ ଅତିରିକ୍ତ ଜିଲ୍ଲାଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ମୁଖ୍ୟ ବକ୍ତାଭାବେ ଡ଼ିଆଇଇଟିର ଅଧ୍ୟକ୍ଷ ତାପସ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଭାକର ସାହୁ, ଏସି, ଏସ୍‌ଟି କୋଡ଼ିନେଟର ସୁନିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଆଲୋକପାତ କରିଥିଲେ ।

ସନ୍ଧ୍ୟା ଅଧିବେଶନରେ ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ବରିଷ୍ଠ ଓ କନିଷ୍ଠ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା କୁଇଜ୍, ବକ୍ତୃତା, ଚିତ୍ରାଙ୍କନ, ପ୍ରତିଯୋଗିତା କରାଯାଇଥିଲା । ଏଥିରେ ବରିଷ୍ଠ ବିଭାଗର ଚିତ୍ରାଙ୍କନରେ ଭୁବନେଶ୍ୱର ବ୍ଲକର ସରକାରୀ ଉ.ପ୍ରା ବିଦ୍ୟାଳୟ ସରକନ୍ତରା ପ୍ରଥମ, ବୋଲଗଡ଼ ବ୍ଲକର ସରକାରୀ ଉ.ପ୍ରା. ବିଦ୍ୟାଳୟ ହରିପୁରର ଛାତ୍ର ବିମିଳ ପ୍ରଧାନ ଦ୍ୱିତୀୟ, ବାଲିଅନ୍ତା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଷ୍ଟମ ଶ୍ରେଣୀର ଛାତ୍ରୀ ଶୁଭଶ୍ରୀ ମୁଦୁଲି ତୃତୀୟ, କନିଷ୍ଠ ବିଭାଗରେ ଭୁବନେଶ୍ୱର ବ୍ଲକର ଷଷ୍ଠ ଶ୍ରେଣୀର ଛାତ୍ର ବିଷ୍ଣୁ ପ୍ରସାଦ ସାହୁ ପ୍ରଥମ, ବେଗୁନିଆ ବ୍ଲକର ଲିଲିପ୍ସା ପୃଷ୍ଟି ଦ୍ୱିତୀୟ ଓ ଖୋର୍ଦ୍ଧା ବ୍ଲକର କରସ୍ମିତା ମହାରଣା ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ ।

ସେହିଭଳି କୁଇଜରେ ବରିଷ୍ଠ ବିଭାଗର ବିଏମସିର ଅଷ୍ଟମ ଶ୍ରେଣୀର ଛାତ୍ର ବିଶ୍ୱଜିତ୍ ନାୟକ ପ୍ରଥମ, ଟାଙ୍ଗୀ ବ୍ଲକର ଗୁରୁ ପ୍ରସାଦ ଶତପଥୀ ଦ୍ୱିତୀୟ, ବାଲିଅନ୍ତା ବ୍ଲକର ସାଇରାମ ସାହୁ ତୃତୀୟ ଓ କନିଷ୍ଠ ବିଭାଗରେ ବାଣପୁର ବ୍ଲକର ଆଶୁତୋଷ ପ୍ରଧାନ ପ୍ରଥମ, ଟାଙ୍ଗୀ ବ୍ଲକର ପଞ୍ଚମ ଶ୍ରେଣୀ ଛାତ୍ରୀ ବୈଶାଖୀ ବିଶ୍ୱାଳ ଦ୍ୱିତୀୟ, ବିଏମ୍‌ସିର ଲଭଲି ବିଶୋଇ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଶେଷରେ ଏସି, ଏସ୍‌ଟି କୋଡ଼ିନେଟର ସୁନିତା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଚିଲିକା ପ୍ରେସ୍ କ୍ଲବ୍‌ର ବନ୍ଧୁମିଳନ



ବାଲୁଗାଁ, ୫।୨(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ପ୍ରେସ୍ କ୍ଲବର ବନ୍ଧୁ ମିଳନ କାର୍ଯ୍ୟକ୍ରମ ନାରୁଣୀ ଅନ୍ତର୍ଗତ ମା' ପାଣ୍ଡବାଶୁଣିଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲୁଗାଁ, ବାଣପୁର, ଚିଲିକା ଓ ଟାଙ୍ଗୀ ଅଞ୍ଚଳର ବହୁ ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ଗଢ଼ି ଉଠିଥିବା ଚିଲିକା ପ୍ରେସ୍ କ୍ଲବ ତରଫରୁ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ୍‌ର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସଭା କରାଯାଇଥିଲା । ଏଥିରେ ଚିଲିକା ପ୍ରେସ୍ କ୍ଲବର ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ବିଶ୍ୱ ପ୍ରସିଦ୍ଧ ଏସିଆ ମହାଦେଶର ବୃହତମ ଲବଣା ହ୍ରଦ ଚିଲିକାକୁ ଏକ ପର୍ଯ୍ୟଟନସ୍ଥଳୀ ର ମାନ୍ୟତା କରାଯିବା, ଟୋଲ ଗେଟ୍‌ରେ ସାମ୍ବାଦିକ ଙ୍କୁ ଦେୟ ମୁକ୍ତ କରାଯିବା, ସାମ୍ବାଦିକମାନଙ୍କୁ ବୀମାଭୁକ୍ତ ସହ ସରକାରୀ ପ୍ରୋତ୍ସାହନ ମିଳିବା ଓ ଚିଲିକା ପ୍ରେସ୍ କ୍ଲବ୍‌ର ଏକ କ୍ଲବ୍ ଘର ନିର୍ମାଣ କରାଯିବା ନେଇ କାର୍ଯ୍ୟ ପନ୍ଥା ଗ୍ରହଣ ନିମନ୍ତେ ସମସ୍ତ ସଭ୍ୟ ନିଜର ମତାମତ ଦେଇଥିଲେ । ଏହି ଅବସରରେ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଘର ନୂତନ ସଭ୍ୟ ରୂପେ ଗ୍ରହଣ କରାଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା । ପ୍ରେସ୍ କ୍ଲବ୍‌ର ସଭାପତି ଶ୍ରୀ ପ୍ରଧାନଙ୍କ ସମେତ କ୍ଲବ୍‌ର ଉପଦେଷ୍ଟା ନୃସିଂହ ପ୍ରସାଦ ମିଶ୍ର ଓ ଉପସଭାପତି ସଂଗ୍ରାମ କେଶରୀ ପାଇକରାୟ ନୂତନ ସଭ୍ୟ ସାମ୍ବାଦିକ ବନମାଳି ସାହୁ ଓ ଗମ୍ଭାରୀମୁଣ୍ଡାର ଦିଲ୍ଲୀପ କୁମାର ସ୍ୱାଇଁଙ୍କ ସମେତ କ୍ଲବର ପୁରାତନ ସଭ୍ୟ ଦିଲ୍ଲୀପ କୁମାର ସ୍ୱାଇଁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରି କ୍ଲବରେ ସାମିଲ କରିଥିଲେ ।

## ନାଳନ୍ଦା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

ବେଗୁନିଆ, ୫।୨(ସମିସ): ବେଗୁନିଆ ସଦର ମହକୁମାସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ସ୍କୁଲର ପ୍ରତିଷ୍ଠାତା ଅଜୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଅଖିଳେଶ ମହାପାତ୍ର ମୁଖ୍ୟଅତିଥି, ଶିକ୍ଷକ ସନ୍ତୋଷ କୁମାର ମହାପାତ୍ର ମୁଖ୍ୟବକ୍ତା, ଶିକ୍ଷାବିତ ରାମଚନ୍ଦ୍ର ସାହୁ ସ୍ୱତନ୍ତ୍ର ଅତିଥି ଓ ଅବସରପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀ ସୁବାସ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିକ୍ଷା ହେଉଛି ଜୀବନ ବ୍ୟାପୀ ପ୍ରକ୍ରିୟା ବୋଲି ଅତିଥି ମତ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଅଧ୍ୟକ୍ଷ ରାଜେଶ କୁମାର ସାହୁ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ସୁଧାକର ସେଠୀ ସଂଯୋଜନା କରିଥିଲେ । ପରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ ।

## କ୍ରିୟାନୁଷ୍ଠାନ କମିଟି ଧାରଣା ପରେ ରେଳ ବିଭାଗ ତତ୍ପର

ନିରାକାରପୁର, ୫।୨(ସମିସ): ନିରାକାରପୁର ଆଞ୍ଚଳିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସୋମବାର ୭ ଦଫା ଦାବି ପୂରଣ ନିମନ୍ତେ ଷ୍ଟେସନ ମାଷ୍ଟରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା । ପରେ ଏହି ୭ ଦଫା ଦାବି ମଧ୍ୟରୁ ତୁରନ୍ତ ୪ ଟି ଦାବି ପୂରଣ ଉପରେ ଗୁରୁତ୍ୱ ଦେବାପାଇଁ ସିନିୟର୍ ଡିଭିଜନାଲ କମରସିଆଲ ମ୍ୟାନେଜର ପ୍ରତିଶ୍ରୁତି ଦେବାପରେ ଗଣଧାରଣା ଭାଙ୍ଗିଥିଲା । ସୋମବାର ସକାଳୁ ଷ୍ଟେସନ, ଷ୍ଟେସନ ଉଭୟ ପାର୍ଶ୍ୱ ରାସ୍ତାରେ ଆଲୋକୀକରଣ କରିବାକୁ ବିଭାଗୀୟ ଯନ୍ତ୍ରୀ ଆସି କ୍ରିୟାନୁଷ୍ଠାନ କମିଟି ସଭ୍ୟ ମାନଙ୍କ ସହିତ ଆଲୋଚନା କରି ଏହାକୁ ତୁରନ୍ତ କରିବା ପାଇଁ ପରିଦର୍ଶନ କରିଛନ୍ତି । ସେହିପରି ଷ୍ଟେସନରେ ଚାଲିଥିବା ଉନ୍ନତିମୂଳକ କାର୍ଯ୍ୟ ଆଜିଠାରୁ ତ୍ୱରାନିତ ହୋଇଛି । ବିଭାଗ ପ୍ରତିଶ୍ରୁତି ମୁତାବକ ଆଜି ଠାରୁ ଯାଞ୍ଚକାରୀ ଅଧିକାରୀ ଆସି ଯାତ୍ରୀଙ୍କ ଟିକେଟ ଯାଞ୍ଚ ଆରମ୍ଭ କରିଛନ୍ତି । ଏହି ସମୟରେ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା ଓ ଅନ୍ୟ ସଭ୍ୟମାନେ ଉପସ୍ଥିତ ରହି ଥିଲେ । ରେଳ ବିଭାଗର ତୁରନ୍ତ ପଦକ୍ଷେପକୁ କମିଟି ତରଫରୁ ସ୍ୱାଗତ କରିବା ସହିତ ବିଭାଗୀୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଯାଇଛି ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ



ଜଟଣୀ, ୫।୨ (ସମିସ): ରେଙ୍ଗଳ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା, ସାହିତ୍ୟ ଓ ସୃଜନଶୀଳ ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ଗୋଳବାଇ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରସନ୍ନକୁମାର ଷଡ଼ଙ୍ଗୀ ଏବଂ ଯମୁନାନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ଜେନା ସମ୍ମାନୀତ ଅତିଥି ରୂପେ ଯୋଗଦେଇଥିଲେ । ଅତିଥିମାନେ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତକଳା, କବିତା, ଗଳ୍ପ,ଚିତ୍ରାଙ୍କନ, ମାଟିକାମ ଓ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ସବୁ ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ୨୯ଟି କବିତା, ୧୭ଟି ଗଳ୍ପ, ୫୧ଟି ହସ୍ତଶିଳ୍ପ ଏବଂ ୩୫ଟି ମଡେଲ ପ୍ରଦର୍ଶିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଙ୍ଗୁଳି ପରିଡା, ସହକାରୀ ଶିକ୍ଷୟିତ୍ରୀ ସଞ୍ଜୁକ୍ତା ଦାଶ,ବାସନ୍ତୀ ଜାଙ୍ଗା, ଲକ୍ଷ୍ମୀ ହୋ, ଶର୍ମିଳା ପ୍ରଧାନ, ପ୍ରିୟଙ୍କା ମୁଣ୍ଡା ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧାତୁବନ୍ଧୁ ଲେଙ୍କା ଓ ସମାଜସେବୀ ଶିବ ପ୍ରସାଦ ସାମନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

## 'ଘରେ ଘରେ ଶଙ୍ଖ' ପରିବାର ସମ୍ପର୍କ ପଦଯାତ୍ରା

ବେଗୁନିଆ, ୫।୨(ସମିସ): ବେଗୁନିଆ ନିର୍ବାଚନ ମଣ୍ଡଳୀର ବିଜେଡ଼ି ଦଳ ପକ୍ଷରୁ ଘରେ ଶଙ୍ଖ ଘରେ ଶଙ୍ଖ ପରିବାର ସମ୍ପର୍କ ପଦଯାତ୍ରା ପଞ୍ଚାୟତ ସ୍ତରୀୟ ଅନୁଷ୍ଠିତ ହୋଇଛି । ସ୍ଥାନୀୟ ବିଧାୟକ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଓଡ଼ିଶା କୋଠାବାଡ଼ି ଓ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ତଥା ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ପର୍ଯ୍ୟବେକ୍ଷକ ଶ୍ରୀମୟୀ ମିଶ୍ର, ବିଜେଡ଼ି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, କୈଳାସ ପାତ୍ର, ବିଜେଡ଼ି ଦଳର ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଓ ଜିଲ୍ଲା ପରିଷଦ ସଭ୍ୟ ତନୁଜା ପାଟ୍ଟଶାଣୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ, ମହିଳା ଗୋଷ୍ଠୀ ଓ ବିଜୁ ପ୍ରେମୀମାନେ ଯୋଗ ଦେଇ ଦେଉଳି, ଗୋବିନ୍ଦପୁର ଓ ରାଧାକାନ୍ତପୁର ପଞ୍ଚାୟତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନ ହିତକାରୀ ଯୋଜନା ସମ୍ପର୍କରେ ଜନ ସାଧାରଣଙ୍କୁ ଅବଗତ କରି ଆଗାମୀ ନିର୍ବାଚନରେ ବିଜେଡ଼ି ଦଳକୁ ବହୁ ସଂଖ୍ୟାରେ ଜନମତ ଦେବାକୁ ଅନୁରୋଧ କରିଥିଲେ ।



## ପୌରପରିଷଦ ପକ୍ଷରୁ ଓଡ଼ିଆ ଭାଷା ସମ୍ମିଳନୀ

ଜଟଣୀ, ୫।୨(ସମିସ): ଜଟଣୀ ପୌରପାଳିକା ପକ୍ଷରୁ ପ୍ରଥମ ଓଡ଼ିଆ ଭାଷା ସମିଳନୀ ଉପଲକ୍ଷେ ସ୍ଥାନୀୟ ଟାଉନ ହଲ (ଶ୍ରଷ୍ଟା) ଜଟଣୀ ଠାରେ ଓଡ଼ିଆ ଭାଷା ସଂସ୍କୃତି ସହ ଜଡିତ ଥିବା ଏବଂ ଓଡ଼ିଆ ଭାଷାର ପ୍ରଚାର ପ୍ରସାରର ମୁଖ୍ୟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜଟଣୀ ପୌରପରିଷଦର ଉପାଧ୍ୟକ୍ଷା ଆରତୀ ରାଉତ ଅଧ୍ୟକ୍ଷତା କରିଥିବା ବେଳେ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀଙ୍କ ସହ ସମସ୍ତ ପାରିଷଦବୃନ୍ଦ, ୱାର୍ଡ ସଂଯୋଜିକା, ସ୍ୱଚ୍ଛ ସାଥି, ପୌରକର୍ମଚାରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଜଟଣୀ ପୌରପାଳିକା ପକ୍ଷରୁ ପ୍ରାକ୍ତନ ଶିକ୍ଷାବିତ ଅମ୍ବିକା ପ୍ରସାଦ ପଟ୍ଟନାୟକ, ବିପିନ ବିହାରୀ ପାଠାଗାରର ପ୍ରତିଷ୍ଠାତା ବିପିନ ବିହାରୀ ମହାନ୍ତି, ପଦ୍ମନାଭ ପାଣିଗ୍ରାହୀ, ସସ୍ମିତା ଦାସ, ରଶ୍ମିତା ନାୟକ, ପ୍ରହଲ୍ଲାଦ ସାହୁଙ୍କ ସହ ଅନ୍ୟମାନଙ୍କୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା । ଜଟଣୀ ପୌରାଞ୍ଚଳର ସମସ୍ତ ୨୩ ଗୋଟି ୱାର୍ଡ ସହ ସ୍ଥାନୀୟ ଆଦର୍ଶ ବିଦ୍ୟାଳୟ ଓ ଅରବିନ୍ଦ ବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତାମାନ ଯଥା ଓଡ଼ିଆ ବକ୍ତୃତା, ଚିତ୍ରାଙ୍କନ, ଆବୃତି ଇତ୍ୟାଦି ଆୟୋଜନ କରାଯାଇଥିଲା । କୃତକାର୍ଯ୍ୟ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା

ବେଗୁନିଆ, ୫।୨(ସମିସ): ବେଗୁନିଆ ବ୍ଲକ ନିକଟସ୍ଥ ପଣ୍ଡାଳମ ଗ୍ରାମର ଲୋକନାଥ ଦେବ ଭଲିବଲ ଆସୋସିଏସନର ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ସ୍ୱାଇକ ଟାଉନ ଇଟାମାଟି, ପୁରୀ ସ୍ପୋର୍ଟ କ୍ଲବ, ରେଲ୍‌ୱେ ଜଟଣୀ, ଗୋଡ଼ା ରାଇମୂଳ, ପଣ୍ଡାଳମ ସ୍ୱାଇକର, ଟାଟା ଷ୍ଟିଲ ଅନୁଗୁଳ, ସ୍ପୋର୍ଟ ହଷ୍ଟେଲ ଓ ଫାଇଟର କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ବାଙ୍କୀ ବିଧାୟକ ତଥା ବିଜୁ ଛାତ୍ର ଜନତା ଦଳର ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥି ଯୋଗଦେଇ ପ୍ରତିଯୋଗିତାର ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ କୁମାର ପାତ୍ର, ପୂର୍ବତନ ସରପଞ୍ଚ ବେଣୁଧର ବଳିୟାରସିଂହ, ସରପଞ୍ଚ ଯୁଗଳ ବେହେରା, ସମାଜସେବୀ ପ୍ରମୋଦ ରାଉତରାୟ, ଯୁବ ସମାଜସେବୀ ସୁଶାନ୍ତ କୁମାର ପଣ୍ଡା ଓ ତ୍ରିନାଥ ମହାରଣା ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ । ଖେଳରେ ସ୍ୱାଇକ ଟାଉନ ଇଟାମାଟି ଚାମ୍ପିଅନ ଓ ଅନୁଗୁଳ ଟାଟା ଷ୍ଟିଲ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ମୁଖ୍ୟ ରେଫରୀ ଲଳିତ ମୋହନ ବଳିୟାର ସିଂହଙ୍କ ନେତୃତ୍ୱରେ ଖେଳ ପରିଚାଳନା ହୋଇଥିବା ବେଳେ ଶିକ୍ଷକ ଚିନ୍ମୟ କୁମାର ପଣ୍ଡା, ନିରଞ୍ଜନ ପଣ୍ଡା, ଆଶୁତୋଷ ପାଣିଗ୍ରାହୀ ଓ ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ ।

**■ ଖୋର୍ଦ୍ଧାବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି**

## ୧୦୮ ଅଭିଯୋଗରୁ ୪ସାମୂହିକ, ୫ ତ୍ୱରିତ ସମାଧାନ

ଖୋର୍ଦ୍ଧା, ୫।୨(ସମିସ): ଚଳିତ ମାସର ପ୍ରଥମ ସୋମବାର ଖୋର୍ଦ୍ଧା ପଞ୍ଚାୟତ ସମିତି କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ



ଜିଲ୍ଲାପାଳ ଚଞ୍ଚଳ ରାଣା, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟ୍ଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ବାଦଲ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପଚନ୍ଦ୍ର ବେଉରା, ସିଡିଏମଓ ଡା.ଆର୍ତ୍ତବନ୍ଧୁ ନାୟକ, ଉପଜିଲ୍ଲାପାଳ ଦିପ୍ତୀରଞ୍ଜନ ସେଠୀ, ତହସିଲଦାର ବିଭାସ ପାଣିଗ୍ରାହୀ, ବିଡ଼ିଓ କ୍ଷୀରାବ୍ଧୀ ତନୟା ସାହୁ, ପୌରନିର୍ବାହୀ ଅଧିକାରୀ ରିଜିୱାନାକଅକବ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ । ଶିବିରରେ ମଧୁବାବୁ ପେନସନ, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାସ୍ତା, ବିଦ୍ୟୁତ ସମସ୍ୟା, ପାଣି ସମସ୍ୟା ଭଳି ମୋଟ ୧୦୮ ଟି ବିଭିନ୍ନ ସଂକ୍ରାନ୍ତୀୟ ଦରଖାସ୍ତ ଗ୍ରହଣ କରାଯାଇଥିଲା । ତନ୍ମଧ୍ୟରୁ ୯୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ମାତ୍ର ୪ଟି ସାମୁହିକ ଥିଲା । ୫ଟି ଅଭିଯୋଗର ତୁରନ୍ତ ଫଏସଲା କରାଯାଇଥିଲା । ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦ହଜାର ଆର୍ଥିକ ସହାୟତା ଏବଂ ୩ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଏଡିଏମଓ(ପରିବାର କଲ୍ୟାଣ) ଡା.ରଘୁନାଥ ନାୟକ, ଜିଲ୍ଲାଯୋଗାଣ ବିଭାଗ ଅଧିକାରୀ ସୁଗଦା ମୁର୍ମୁ, ଅବକାରୀ ସୁପରିଟେଣ୍ଡେଣ୍ଟ ଝସକେତନ ବରିହା, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସହକାରୀ ଶ୍ରମ ଅଧିକାରୀ ପ୍ରଜ୍ଞାପାରମିତା ସାହୁ, ଟିକମ ଦଳେଇ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ବିପିଏମ ପ୍ରିୟଦର୍ଶୀ ଦାସ ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରକୃତି ଶିବିର

ନିରାକାରପୁର, ୫।୨(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟବିହାର, ଇକୋ କ୍ଲବର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅଧିନ ଓ ରାଜ୍ୟ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗର ସେଂଟର ଫର୍ ଏନର୍ଭରମେଣ୍ଟ ଷ୍ଟଡିଜ୍ ଭୁବନେଶ୍ୱରଙ୍କ ସହାୟତାରେ ସରସତୀ ଶିଶୁ ବିଦ୍ୟାମନ୍ଦିର, ଆର୍ଯ୍ୟବିହାର, ନିରାକାରପୁର ଇକୋ କ୍ଲବର ଛାତ୍ରଛାତ୍ରୀଙ୍କୁ ନେଇ ମଙ୍ଗଳାଯୋଡି ପ୍ରକୃତିସ୍ଥଳି ଠାରେ ଦିନିକିଆ ପ୍ରକୃତି ଶିବିର ଅନୁଷ୍ଠିତ ହୋଇଯାଇଅଛି ।ବିଦ୍ୟାଳୟର ୫୬ଜଣ ଛାତ୍ରଛାତ୍ରୀ ଓ ୭ଜଣ ଗୁରୁଜୀଗୁରୁମାଙ୍କୁ ନେଇ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ପ୍ରଥମେ ଛାତ୍ରଛାତ୍ରୀଙ୍କ ସହିତ ମାଇକେଲ୍ ପିଟର (ଡବ୍ଲ୍ୟୁଡବ୍ଲ୍ୟୁଏଫ୍), ରାଜେଶ ମହନ୍ତ, ପ୍ରଶିକ୍ଷକ, (ସିଇଏସ୍.), ପ୍ରଶାନ୍ତ କୁମାର ନାୟକ, ପ୍ରୋଜେକ୍ଟ ଅଫିସର୍ (ସିଇଏସ୍) ୧୩ଟି ନୌକାରେ ଛାତ୍ରଛାତ୍ରୀଙ୍କୁ ନେଇ ମଙ୍ଗଳାଯୋଡି ପ୍ରକୃତିସ୍ଥଳି ବୁଲାଇ ଦେଖାଇଥିଲେ । ବିଭିନ୍ନ ବିଦେଶାଗତ ପକ୍ଷୀଙ୍କୁ ପରିଚିତ କରାଇବା ସହ ଏମାନଙ୍କ ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କହିଥିଲେ । ଏହାପରେ ଛାତ୍ରଛାତ୍ରୀମାନେ ଭଜାଗଡ଼ସ୍ଥିତ ବୁଢ଼ୀତାରା ମନ୍ଦିର ଠାରେ ପଲିଥିନ୍ ହଟାଅ ବିଶ୍ୱ ବଞ୍ଚାଅ ଓ ପରିବେଶ ସୁରକ୍ଷା ସମ୍ପର୍କିତ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ । ଏହାପରେ ଛାତ୍ରଛାତ୍ରୀଙ୍କୁ ନେଇ ସଚେତନତା ସଭା ହୋଇଥିଲା ।ଏଥିରେ ଛାତ୍ରଛାତ୍ରୀମାନେ ପରିବେଶ ସମ୍ପର୍କିତ ସ୍ୱରଚିତ କବିତା, ବକ୍ତୃତା ପ୍ରଦାନ କରିଥିଲେ । ଉକ୍ତ ସଭାରେ ବିଭୂତି ଭୂଷଣ ଆଚାର୍ଯ୍ୟ ବିଦ୍ୟାମନ୍ଦିରର ସମ୍ପାଦକ, ବ୍ରଜକିଶୋର ସେଠୀ ସମ୍ପାଦକ ଷ୍ଟେଟ୍ ବିଗ୍ରେଜ୍ ସ୍କୁଲ୍, ଭୂଷଣ୍ଡପୁର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ପରିବେଶ ସଚେତନତା ପ୍ରତି ଅବଗତ କରାଇଥିଲେ ପ୍ରଧାନଚାର୍ଯ୍ୟା ନଳନୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡି ଜନସମ୍ପର୍କ ଯାତ୍ରା ଓ 'ଘରେ ଘରେ ଶଙ୍ଖ' କାର୍ଯ୍ୟକ୍ରମ



ବାଣପୁର, ୫।୨(ସମିସ): ବିଜୁ ଜନତା ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ସାରା ରାଜ୍ୟରେ ଦଳ ତରଫରୁ ରାଜ୍ୟ ସରକାରଙ୍କ ବିକାଶବାର୍ତ୍ତା ଲୋକଙ୍କ ନିକଟରେ ପହଁଞ୍ଚାଇବା ଲକ୍ଷ୍ୟରେ ଜନସମ୍ପର୍କ ଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଜାରି ରହିଛି । ଏହି ପରିପ୍ରେକ୍ଷୀରେ ବାଣପୁର ବ୍ଲକ ଅନ୍ତର୍ଗତ ବିଷ୍ଣୁଡିହ ଓ ନନ୍ଦପୁର ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ଯାତ୍ରା ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ବିଜେଡିର ବହୁ ଆଗଧାଡିର ନେତା ଓ କର୍ମୀ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କ ସ୍ୱଚ୍ଛ ଶାସନ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ଲୋକାଭିମୁଖୀ କରିବା ସହ ଆଗାମୀ ଦିନରେ ଆମ ଗାଁ ଆମ ବିକାଶ, ବିଜୁ ସ୍ୱାସ୍ଥ୍ୟ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା ଆଦି ଯୋଜନାରେ ଅନ୍ତର୍ଭୁକ୍ତ ଥିବା ହିତାଧିକାରୀମାନେ କିପରି ଲାଭବାନ ହେଉଛନ୍ତି ଏବଂ ବାଦ ପଡ଼ିଥିବା ହିତାଧିକାରୀ କିପରି ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଏହାର ଲାଭ ଉଠାଇବେ ସେନେଇ ଘରକୁ ଘର ବୁଲି ପ୍ରଚାର କରି ଶଙ୍ଖ ଚିହ୍ନ ଦ୍ୱାରେ ଦ୍ୱାରେ ଲଗାଇଥିଲେ । ବିଷ୍ଣୁଡିହ ପଞ୍ଚାୟତ ଏବଂ ନନ୍ଦପୁର ପଞ୍ଚାୟତର ମଙ୍ଗରାଜପୁର ଗ୍ରାମରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ, ପୂର୍ବତନ ବିଷ୍ଣୁଡିହ ସରପଞ୍ଚ ଶେଷଦେବ ପ୍ରଧାନ, ରମେଶ ପାଢ଼ୀ, ଦେବରାଜ ବସ୍ତି, ପ୍ରକାଶ ଚନ୍ଦ୍ର ପାଢ଼ୀ, ରାଜ କିଶୋର ପଣ୍ଡା, ମହିଳା ନେତ୍ରୀ ବେବିନା ତ୍ରିପାଠୀ ଓ କବିତା ରାଣୀ ମହାପାତ୍ରଙ୍କ ସମେତ ବିଜେଡିର ଶତାଧିକ କର୍ମୀ ସାମିଲ ହୋଇଥିଲେ ।

ବୋଲଗଡ଼ : ବୋଲଗଡ଼ ବ୍ଲକ ଅନ୍ତର୍ଗତ ଖଙ୍ଗୁରିଆ, ବୋଲଗଡ଼ ସମେତ ଡାବରଧୁଆପାଟଣା ୩ଟି ପଞ୍ଚାୟତରେ ସୋମବାର ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ ପରିବାର ସମ୍ପର୍କ ଅଭିଯାନ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ଶ୍ରମିକ କୋଠା ବାଡି ନିର୍ମାଣ ନିଗମ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ଆୟୋଜିତ ସଭାରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ କୈଳାସ ପାତ୍ର, ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ବ୍ଲକ ବିଜେଡି ପର୍ଯ୍ୟବେକ୍ଷକ ରଘୁନାଥ ଲେଙ୍କା, ଶୁଭ୍ରାଂଶୁ ମିଶ୍ର, ବ୍ଲକ ବିଜେଡି ସଭାପତି ବାନାମ୍ବର ମାଝି, ଖୋର୍ଦ୍ଧାଜିଲ୍ଲା ବିଜେଡି ଉପସଭାପତି ପ୍ରଫୁଲ୍ଲ ପ୍ରଧାନ, ବ୍ଲକ ମହିଳା ବିଜେଡି ସଭାପତି ପ୍ରଭାତୀ ରାଉତରାୟ, ଜିଲ୍ଲା ପରିଷଦ ସଭ୍ୟା ସୁନନ୍ଦିତା ସାହୁ, ଜିଲ୍ଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର ରାୟଗୁରୁ, ଜିଲ୍ଲା ପରିଷଦ ସଭ୍ୟା ତନୁଜା ପାଟ୍ଟଶାଣୀ ଙ୍କ ସମେତ ବିଜେଡି ସାମର୍ଥିତ ସ୍ଥାନୀୟ ପଞ୍ଚାୟତ ପ୍ରତିନିଧିମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ବିଜେଡି ସମର୍ଥକ ଏବଂ ମିଶନ ଶକ୍ତି ମହିଳାମାନେ ଯୋଗଦେଇଥିଲେ । ଏଥିରେ ଶ୍ରୀମତୀ ମିଶ୍ର, ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟକ୍ରମ ଗୁଡିକୁ ବିଷୟରେ ଅଭିଭାଷଣ ଦେବା ସହିତ ହେବାକୁ ଥିବା ସାଧାରଣ ନିର୍ବାଚନରେ ବିଜେଡି ଦଳର ସାଂସଦ ଏବଂ ବିଧାୟକ ଉଭୟ ପ୍ରାର୍ଥୀଙ୍କୁ ବହୁ ସଂଖ୍ୟାରେ ସମର୍ଥନ କରି ପୁନର୍ବାର ଷଷ୍ଠ ଥର ପାଇଁ ନବୀନ ସରକାରକୁ କ୍ଷମତାକୁ ଆଣିବା ପାଇଁ ନିବେଦନ କରିଥିଲେ ।



**■ ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟା**

## ଓଡ଼ିଶୀ ନୃତ୍ୟରେ ଦର୍ଶକ ବିଭୋର



ଟାଙ୍ଗୀ/କାଲୁପଡ଼ାଘାଟ, ୫।୨ (ସମିସ): ଟାଙ୍ଗୀ ବ୍ଲକ ସାମ୍ବାଦିକ ସଂଘ ଦ୍ୱାରା ଆୟୋଜିତ ନୀଳାମ୍ବୁ ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ସାମ୍ବାଦିକ ସଂଘ ସଭାପତି ପଦ୍ମନାଭ ବିଶ୍ୱାଳ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ବିଜେଡି ରାଜ୍ୟ ମହିଳା ଉପସଭାପତି ବାସନ୍ତୀ ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସମ୍ମାନିତ ଅତିଥି ସଞ୍ଜୟ କୁମାର ମହାପାତ୍ର, ଅଧ୍ୟକ୍ଷ ମାତୃବିହାର କାଲୁପଡ଼ା, ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ଦାସ, ସମ୍ପାଦକ ମନୋଜ କୁମାର ପଟନାୟକ, ପ୍ରବକ୍ତା ସରୋଜ ପାଇକରାୟ ପ୍ରମୁଖ ଯୋଗଦେଇ ବିଲୁପ୍ତ ହୋଇଯାଉଥିବା ଲୋକକଳା, ପାରମ୍ପରିକ କଳା ସଂସ୍କୃତି ର ଉଜ୍ଜୀବିତ କରିବା ସହ ଏକ ଭାଇଚାରା ଭାବ ସୃଷ୍ଟି କରିବା ଏହି ଭଳି ମହୋତ୍ସବର ଜନ୍ମ ବୋଲି ମତବ୍ୟକ୍ତ କରିଥିଲେ ।

ଆଜିର ତୃତୀୟ ସନ୍ଧ୍ୟାରେ ଓଡିଶୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ଏବଂ ନୂପୁର ଓଡିଶୀ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱରର କଳାକାରମାନେ ଉପସ୍ଥିତ ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଉତ୍କଳ କନ୍ୟା ପାଇକ ଆଖଡ଼ା କୁହୁଡି, ଦୟାଲ ଡ୍ୟାନ୍ସ ଏକାଡେମୀ ଭୁବନେଶ୍ୱର ନୃତ୍ୟ ପରିବେଷଣ କରି ଦର୍ଶକଙ୍କ ମନ ଜିଣିଥିଲେ । ମଞ୍ଚକୁ ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ସଞ୍ଚାଳନ କରିଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକ ସଂଘର, ମନୋଜ ନାଇଡୁ, , ସନ୍ଦୀପନୀ ମିଶ୍ର, ଦୁର୍ଗା ପ୍ରସାଦ ଦାଶ, ପ୍ରଶାନ୍ତ କୁମାର ବେହେରା, କମଳ ଲୋଚନ ପାଇକରାୟ, ସୂର୍ଯ୍ୟକାନ୍ତ ସାହୁ, ରଜନୀକାନ୍ତ ମିଶ୍ର, ଅଭିଜିତ ଦାଶ, ରାମଚନ୍ଦ୍ର ପରିଡ଼ା, ଶଙ୍କର୍ଷଣ ବେହେରା, ରାକେଶ ମହାନ୍ତି, ରାକେଶ ଜଗଦେବ, ବାଲୁଙ୍କେଶ୍ୱର ବେହେରା ପ୍ରମୁଖ ସହଯୋଗ କରିଥିଲେ ।

